### ମାର୍ଚ୍ଚ ମାସ ଶେଷରେ ଘନ କୁହୁଡ଼ି

# ଆଗକୁ ପ୍ରବଳ ଗ୍ରୀଷ୍ମପ୍ରବାହ ସଂକେତ

ଅନୁଗୋଳ, ୨୩।୩(ସମିସ): ମାର୍ଚ୍ଚ ମାସ ଶେଷରେ ଅନୁଗୋଳରେ ଘନ କୁହୁଡ଼ି। ଏହା ଜଳବାୟୁରେ ପରିବର୍ତ୍ତନର ପ୍ରଭାବ ବୋଲି କହୁଛନ୍ତି ପରିବେଶବିତ୍। ଯେଉଁ ସମୟରେ ସକାଳୁ ଅସହ୍ୟ ଗୁଳୁଗୁଳି ସହ ଖରା ଓ ଗରମ ହେବା କଥା ସେହି ସମୟରେ ଘନ କୁହୁଡ଼ି ସାଙ୍ଗକୁ କାକର ପଡୁଛି। ଏହାର ପ୍ରଭାବ ଜୀବନ ଜୀବିକା ଉପରେ ପଡୁଛି। ଗତ ଦୁଇ ଦିନ ହେଲା ଅନୁଗୋଳରେ ସକାଳ ସମୟରେ କୁହୁଡ଼ି ହେଉଛି। ପ୍ରାୟ ୯ଟା ପର୍ଯ୍ୟନ୍ତ କୁହୁଡ଼ି ରହୁଛି। ଏହାପରେ ପ୍ରବଳ ଖରା ହେଉଛି। ସକାଳ ସମୟରେ କୁହୁଡ଼ି ଯୋଗୁ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ଲୋକେ ଚଳପ୍ରଚାଳ କରିବା କଷ୍ଟକର ହୋଇ ପଡୁଛି। ଅଳ୍ପ ଦୂରରେ ମଧ କିଛି ଦେଖାଯାଉ ନାହିଁ। ଆକାଶରୁ ବିନ୍ଦୁ ବିନ୍ଦୁ କାକର ପଡୁଛି। ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ପୋଷାକ ଓଦା ହୋଇ ଯାଉଛି। ଆବଶ୍ୟକଠାରୁ ଅଧିକ ଥଣ୍ଡା ଅନୁଭୂତ ହେଉଛି। ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି। ତେଣୁ ଏହା ନିଶ୍ଚିତ ଭାବେ ପ୍ରକୃତିର ବିଡ଼ମ୍ବନା ବୋଲି ବୟସ୍କମାନେ କହୁଛନ୍ତି। ଏହାର ପ୍ରଭାବରେ ବିଭିନ୍ନ ପ୍ରକାର ପନିପରିବା ଫସଲ ନଷ୍ଟ ହେଉଛି। ମଣିଷ ଶରୀର ଉପରେ ମଧ ପ୍ରଭାବ ପଡୁଛି। ସକାଳେ ପ୍ରବଳ ଥଣ୍ଡା ହେଉଥିବା ବେଳେ ହଠାତ ୯ଟା ପରେ ଖରା ତାତି। ତେଣୁ ଥଣ୍ଡା, କାଶ, ଜ୍ୱର ଓ ମୁଣ୍ଡ ବିନ୍ଧା ଭଳି ରୋଗର ଶିକାର ହେଉଛନ୍ତି ଅଧିକାଂଶ ଲୋକ। ବ୍ୟାପକ କଳକାରଖାନା ଓ ଖଣି ଖନନ ଯୋଗୁ ଯେଉଁଭଳି ଭାବେ ପ୍ରକୃତିକୁ ନଷ୍ଟ କରାଯାଉଛି ତାହାର ପ୍ରଭାବ ଆଜି ଦେଖିବାକୁ ମିଳୁଛି। ଜଳବାୟୁ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇ ଯାଇଛି। ତେବେ ଆଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହର ଏହା ସଂକେତ ବୋଲି କହୁଛନ୍ତି ପରିବେଶବିତ୍।









ଅନୁଗୋଳ ଏଡୁ ପ୍ଲସ ପ୍ଲେ ସ୍କୁଲରେ କୁନି କୁନି ପିଲାଙ୍କ ହୋଲି ଖେଳ

## ମହିଳାଙ୍କୁ ପଥରରେ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୨୩।୩(ସମିସ): ହଣ୍ଡପା ଗ୍ରାମର ବାସନ୍ତୀ ରାଉତଙ୍କୁ ତାଙ୍କ ପଡ଼ୋଶୀ ସାବିତ୍ରୀ ମଞ୍ଜରୀ ରାୟ ଓ ତାଙ୍କ ଝିଅ ଅପ୍ରିତା ସିଂ, ସୀମା ସିଂ ପଥରରେ ମାଡ଼ ମାରିଥିବା ନେଇ ଶୁକ୍ରବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ବାସନ୍ତୀଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ଜାଗାରେ ସେ ପାଚେରି କରିଥିବା ବେଳେ ସାବିତ୍ରୀ ଏହାକୁ ଭାଙ୍ଗି ଦେଇଥିଲେ। ଏନେଇ ସେ ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମରାଯିବା ସହ ପଥରରେ ଆକ୍ରମଣ କରାଯାଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ସାବିତ୍ରୀ ଥାନାରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଘର କାମ ଚାଲିଥିବା ବେଳେ ବାସନ୍ତୀ ଆସି ତାଙ୍କୁ ମାଡ଼ ମାରିବା ସହ ତାଙ୍କ ଶ୍ରମିକ, ମିସ୍ତ୍ରୀ ମାନଙ୍କୁ ଗାଳିଗୁଲଜ କରି କାମ ବନ୍ଦ କରିଦେଇଥିଲେ। ଏ ନେଇ ପୁଲିସ ଆଉ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ ପ୍ରତିବାଦରେ ଆପ୍‌ର ବିକ୍ଷୋଭ



ତାଳଚେରସଦର, ୨୩।୩(ସମିସ): ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍‌ଙ୍କୁ ଇଡି ଗିରଫ କରିବା ପ୍ରତିବାଦରେ ତାଳଚେର ଆପ୍ ପକ୍ଷରୁ ରାମଚନ୍ଦ୍ର ବଜାରସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କ୍ୟାଣ୍ଡେଲ ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି ଜ୍ୟୋତି ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ସଦସ୍ୟମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ଦାସ, ଆଲୋକ ଭୂତିଆ, ରଞ୍ଜିତ କୁମାର ମହାପାତ୍ର, ଶିବାନୀ ଗଡ଼ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରେଳ ଧାରଣାରୁ ମୃତଦେହ ଉଦ୍ଧାର

ବଇଣ୍ଡା, ୨୩।୩(ସମିସ): ତାଳଚେର-ସମ୍ବଲପୁର ରେଳ ପଥର ହଣ୍ଡପା ଥାନା କଣ୍ଡାଳ ନିକଟସ୍ଥ ରେଳ ଧାରଣାରୁ ବଇଣ୍ଡା ରେଲବାଇ ଫାଣ୍ଡି ପୁଲିସ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଦଶୁର ବେହେରା। ତାଙ୍କ ଘର ଉରୁକୁଳା ଗ୍ରାମରେ ବୋଲି ଜଣାପଡ଼ିଛି। ଶନିବାର ସକାଳେ ସେ ଘରୁ ପଳାଇ ଆସି ଉକ୍ତ ରେଳ ଧାରଣାରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବା ବେଳେ ସେନେଇ ରେଲବାଇ ପୁଲିସ ତଦନ୍ତ କରୁଛି। ପୁଲିସ ମୃତଦେହ ଜବତ କରି ତାଳଚେର ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

### ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

## ଅନୁପସ୍ଥିତ କର୍ମଚାରୀଙ୍କୁ କାରଣ ଦର୍ଶାଅ ନିର୍ଦ୍ଦେଶ

ଅନୁଗୋଳ, ୨୩।୩(ସମିସ): ଆସନ୍ତା ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ଜିଲ୍ଲାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ନିକଟରେ ସମାପ୍ତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାରେ ନିୟୋଜିତ କର୍ମଚାରୀମାନେ କିଛି ସଂଖ୍ୟାରେ ଅନୁପସ୍ଥିତ ରହିଥିବା ଦେଖା ଯାଇଥିଲା। ଏହି ସଂଖ୍ୟା ତାଳଚେର ନିର୍ବାଚନ ମଣ୍ଡଳୀ ପାଇଁ ଅଧିକା। ଏଣୁ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଜଣେଇ ଦିଆଯାଇଛି ଯେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିବା ନିୟୋଜିତ ସରକାରୀ କର୍ମଚାରୀମାନେ, ଆଜିଠାରୁ ଆସନ୍ତା ୩ଟି କାର୍ଯ୍ୟଦିବସ ମଧ୍ୟରେ, ନିଜ ନିଜର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ନିର୍ବାଚନ ଅଧିକାରୀଙ୍କ ନିକଟରେ, ବ୍ୟକ୍ତିଗତ ଭାବେ ହାଜର ହେବା ସହ ଅନୁପସ୍ଥିତ ରହିବାର ସଠିକ କାରଣ ଦର୍ଶାଇବେ। କାରଣ ନିର୍ବାଚନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟରେ ସମସ୍ତ ସରକାରୀ କର୍ମଚାରୀଙ୍କ ଯୋଗଦାନ ଅନିବାର୍ଯ୍ୟ ଅଟେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ବିନା ଅନୁମତିରେ ନିର୍ବାଚନ ସମ୍ବନ୍ଧୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ନ ଦେବା ଜନପ୍ରତିନିଧି ଆଇନ ୧୯୫୧ର ଉଲ୍ଲଂଘନ ଅଟେ। ଯେଉଁ ସରକାରୀ କର୍ମଚାରୀମାନେ ଜାଣିଶୁଣି ନିର୍ବାଚନ ନିଯୁକ୍ତିପତ୍ର ଗ୍ରହଣ କରିନାହାନ୍ତି କିମ୍ବା ନିର୍ବାଚନପତ୍ର ପାଇ ମଧ ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇନାହାନ୍ତି ସେମାନଙ୍କ ବିରୋଧରେ ଜନପ୍ରତିନିଧି ଆଇନ ୧୯୫୧ର ସ୍ୱତନ୍ତ୍ର ଧାରା ଅନୁଯାୟୀ ଗିରଫ ପରୱାନା ଜାରି ହେବା ସହ ଫୌଜଦାରୀ ମାମଲା ରୁଜୁ ହେବ। ଏହା ସହିତ ନିଜ ନିଜର ବିଭାଗ ଦ୍ୱାରା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜଣାଇ ଦିଆଯାଉଛି। ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ଆସନ୍ତା ୩ଟି କାର୍ଯ୍ୟ ଦିବସ ମଧ୍ୟରେ ନିଜ ନିଜର ଉପଜିଲ୍ଲାପାଳଙ୍କ ନିକଟରେ ବ୍ୟକ୍ତିଗତ ଭାବେ ହାଜର ହେବା ସହ ଆଗାମୀ ପର୍ଯ୍ୟାୟ ନିର୍ବାଚନ ପ୍ରଶିକ୍ଷଣରେ ଯୋଗଦାନ କରି ନିର୍ବାଚନ କାର୍ଯ୍ୟରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଦେଶୀମଦ ଜବତ; ଜଣେ ଗିରଫ

ବଇଣ୍ଡା, ୨୩।୩(ସମିସ): ହଣ୍ଡପା ପୁଲିସ ଶୁକ୍ରବାର ଲୁହାମୁଣ୍ଡା ଗ୍ରାମରେ ଚଢ଼ଉ କରି ପ୍ରଦୀପ ବିଶ୍ୱାଳଙ୍କ ଘରୁ ୧୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଛି। ସେ ବେଆଇନ ଭାବରେ ଘରେ ମଦ ବିକ୍ରି କରୁଥିବା ବେଳେ ପୁଲିସ ଚଢ଼ଉ କରି ଗିରଫ କରିଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

କିଶୋରନଗର, ୨୩।୩(ସମିସ): ଶନିବାର ସକାଳ ୧୦ଟା ସମୟରେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ଅଧୀନ ନାକଚି ପଞ୍ଚାୟତର ଖାଲମାଳ ଗ୍ରାମ ନିକଟ ରେଳ ଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଦଶରଥ ବେହେରା। ତାଙ୍କ ଘର ନିକଟସ୍ଥ ଉରୁକୁଳାରେ ବୋଲି ଜଣାପଡ଼ିଛି। ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଘଟଣାସ୍ଥଳରେ ହଣ୍ଡପା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଡଆଁରାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ତାଳଚେର, ୨୩।୩(ସମିସ): ତାଳଚେର ବ୍ଲକ ଡଆଁରା ଗ୍ରାମପଞ୍ଚାୟତର ଡଆଁରା ଉଚ୍ଚବିଦ୍ୟାଳୟଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେଇଯାଇଛି। ଡଆଁରା ଗ୍ରାମପଞ୍ଚାୟତର ଯୁବ ସରପଞ୍ଚ ନନ୍ଦକିଶୋର ବେହେରାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୩୨ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ଯୁବ ସରପଞ୍ଚଙ୍କ ସହିତ ସମିତି ସଭ୍ୟା ଅଶାନ୍ତି ପ୍ରଧାନ ଉପସ୍ଥିତ ରହି ଡାକ୍ତରୀ ଟିମ୍‌କୁ ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ପ୍ରତିଟି ଜୀବନ ମୂଲ୍ୟବାନ' ଉକ୍ତିକୁ ଗୁରୁତ୍ୱ ଦେଇ ଏହିପରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିବାରୁ ସରପଞ୍ଚଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

## କୁଦଗାଁ ଗ୍ରାମରେ ନାମଯଜ୍ଞ

କିଶୋରନଗର, ୨୩।୩(ସମିସ): ଆଠମଲ୍ଲିକ ଉପଖଣ୍ଡ କୁଦଗାଁ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ଯୋଗଦେଇ ଠାକୁରଙ୍କ ଦର୍ଶନ କରିବା ସହ ନାମଯଜ୍ଞ ସମ୍ପର୍କରେ କମିଟିର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅନ୍ନଭୋଗର ଆୟୋଜନ କରାଯାଇଥିଲା।

## ସହିଦ ଦିବସରେ ବାଇକ୍ ଶୋଭାଯାତ୍ରା



ଅନୁଗୋଳ, ୨୩।୩(ସମିସ): ସହିଦ ଦିବସ ଉପଲକ୍ଷେ ତୁକୁଡା ଗ୍ରାମର ଛାତ୍ର ଓ ଯୁବକମାନେ ରାଜସଂସ୍କାର କମିଟି ଏବଂ ଡିୱାଇଓ ଉଦ୍ୟୋଗରେ ଏକ ମୋଟରସାଇକଲ ଶୋଭାଯାତ୍ରାରେ ବାହାରି କରା, ବିମଳବେଡ଼ା, ମୁଣ୍ଡାସାହି ଛକ ଓ ଜରପଡ଼ା ଆଦି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ସାମିଲ ଥିବା ଡିୱାଇଓ ରାଜ୍ୟ ସଭାପତି ମାନସ ପାଳ ସହିଦ ଭଗତ ସିଂଙ୍କ ସଂଗ୍ରାମୀ ଜୀବନକୁ ଛାତ୍ର-ଯୁବକମାନେ ଅନୁକରଣ କରିବା ସହିତ ସମାଜର ପ୍ରଗତିଶୀଳ ପରିବର୍ତ୍ତନ ପାଇଁ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ। ଯୁବ ସଂଗଠକ ସୁମନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ସଂଗଠକ ଭରତ କୁମାର ନାଏକ, ଦୁଃଖବନ୍ଧୁ ବେହେରା, ଚାଷୀ ସଂଗଠକ ରଣଜିତ୍ ପ୍ରଧାନ, ବ୍ୟାସଦେବ ମହାପାତ୍ର, ଆଶୁତୋଷ ସାହୁ, ସନ୍ଦିପ ପ୍ରଧାନ, ବବୁଲ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ବଜ୍ରକୋଟରେ ଦୋଳ ମେଳଣ

## ନାଚଗୀତରେ ଝୁମିଲେ ଦର୍ଶକ

କଣିହାଁ, ୨୩।୩(ସମିସ): କଣିହାଁ ବ୍ଲକ ବଜ୍ରକୋଟ ଗ୍ରାମରେ ଶୁକ୍ରବାର ରାଧାକୃଷ୍ଣଙ୍କ ତ୍ରୟୋଦଶୀ ଦୋଳମେଳଣ ଯାତ୍ରା ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଅପରାହ୍ନରେ ରାଧାକୃଷ୍ଣଙ୍କ ଲୀଳାକୁ ନେଇ ଲଉଡ଼ିଖେଳ, ଘଣ୍ଟବାଦ୍ୟ, ବାଜାବାଣରେ ଠାକୁରଙ୍କ ବିମାନ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଉତ୍ସବସ୍ଥଳ ଭିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଘରେ ଘରେ ବନ୍ଧୁ ଓ ସ୍ୱଜନଙ୍କ ଆସର ଜମିଥିଲା। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ନେଇ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀଙ୍କ ଗ୍ରୁପ୍ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଙ୍ଗୀତ, ନାଚ ଗୀତରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଭିଙ୍ଗେଶ୍ୱର ଗ୍ରାମ ଉନ୍ନୟନ ସମିତି ବଜ୍ରକୋଟ ବାସିନ୍ଦା ସହଯୋଗ କରିଥିଲେ।



# ଶିଳ୍ପ ପାଇଁ ଉଜୁଡ଼ିଲା ଚାଷ; ଚିନ୍ତାରେ ଚାଷୀ

ତାଳଚେର, ୨୩।୩(ସମିସ): ଶିଳ୍ପ ସମୃଦ୍ଧ ତାଳଚେର ଉପଖଣ୍ଡ ଅଞ୍ଚଳରେ ରାସ୍ତା, କୋଠା, ଟ୍ରାଫିକ୍ ଜନସଂଖ୍ୟା ସହ ପ୍ରଦୂଷଣ ସାଙ୍ଗକୁ ଜଳକଷ୍ଟ ବୃଦ୍ଧି ପାଇବାରେ ଲାଗିଛି। ଏକଦା ପାରମ୍ପରିକ କୃଷି ଓ ପନିପରିବା ଚାଷ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତାଳଚେର ବ୍ଲକର କୁମୁଣ୍ଡାଠାରୁ ଆରମ୍ଭକରି ପ୍ରାୟ ୨୧ଟି ପଞ୍ଚାୟତରେ ଭିନ୍ନ ଭିନ୍ନ ପନିପରିବା, ଡାଲି ଜାତୀୟ ଶସ୍ୟ, ଏପରିକି, ପିଆଜ ରସୁଣ ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ ଚାଷୀ। ତତ୍ ସହିତ ତାଙ୍କ ଆବଶ୍ୟକତାଠାରୁ ବଳକା ଜିନିଷକୁ ଆଣି ହାଟ ବଜାରରେ ବିକ୍ରି କରି ବେଶ ଦି'ପଇସା ରୋଜଗାର କରି ସୁସ୍ଥ ବାତାବରଣ ଭିତରେ ଚଳିଆସୁଥିଲେ। ମାତ୍ର ତାଳଚେର ଭଳି ଏକ ଅଞ୍ଚଳରେ ଚିରୋସ୍ରୋତା ବ୍ରାହ୍ମଣୀ ନଦୀ ସହ ଅପର୍ଯ୍ୟାପ୍ତ କୋଇଲା ମହଜୁଦ ଥିବାରୁ ଏହାକୁ ଆଖି ଆଗରେ ରଖି ବିଭିନ୍ନ ରାଷ୍ଟ୍ରାଉଦ୍ୟୋଗ କଳକାରଖାନା ସହ ଆଖପାଖ ଅଞ୍ଚଳରେ ଛୋଟବଡ଼ କଳକାରଖାନାମାନ ମୁଣ୍ଡ ଟେକିଛି। ଫଳରେ ଦ୍ରୁତ ଶିଳ୍ପାୟନ ଯୋଗୁଁ ଜନସଂଖ୍ୟା ବୃଦ୍ଧି, ରାସ୍ତା, କୋଠା, ହଜାର ହଜାର ସଂଖ୍ୟକ କ୍ୱାର୍ଟର ନିର୍ମାଣ, ସରକାରୀ ବେସରକାରୀ କାର୍ଯ୍ୟାଳୟ ହେବା ସହ ପୂର୍ବରୁ ଚାଷ ଉପଯୋଗୀ ପାଇଁ ରହିଥିବା ପ୍ରକୃତିଦତ୍ତ ପାଣିମାହାରା ନାଳ, ଝରଣା ଇତ୍ୟାଦି ବନ୍ଦ ହୋଇଗଲା। ଫଳରେ ଜଳସେଚନର ଅଭାବ ଓ ମାତ୍ରାଧିକ ପ୍ରଦୂଷଣ ଯୋଗୁ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଗଲା।





ଏପରିକି ଶ୍ରାବଣ ମାସରେ ହଜାର ହଜାର ଏକର ଚାଷ ଜମି ପଡ଼ିଆ ରହିଥିବା ଦେଖିବାକୁ ମିଳିଛି। ଏହି ଜମିଗୁଡ଼ିକ ଗାଈଗୋରୁଙ୍କର ଏବେ ଚରାଭୂଇଁ ପାଲଟିଛି। ୪୦ ବର୍ଷ ପୂର୍ବେ ତାଳଚେର ଭୌଗୋଳିକ ସ୍ଥିତିରୁ ଜଣାପଡ଼େ ଏହା ଏକ କୃଷି ପ୍ରଧାନ ଅଞ୍ଚଳ। ସେହିପରି ଜଙ୍ଗଲଜାତ ଦ୍ରବ୍ୟ ମଧ ଭରପୁର ହୋଇ ରହିଥିଲା। ସ୍ଥାନୀୟ ଅଞ୍ଚଳବାସୀ ଚାଷ ଓ ଜଙ୍ଗଲ ଉପରେ ନିର୍ଭରକରି କେଉଁ ଆବାହମାନ କାଳରୁ ଚଳି ଆସୁଥିଲେ। ମାତ୍ର ତାଳଚେର ବ୍ଲକର କୁମଣ୍ଡାଠାରୁ ଆରମ୍ଭ କରି ବର୍ତ୍ତମାନ ୬ଟି ପଞ୍ଚାୟତର ହଜାର ହଜାର ଏକର ଚାଷଜମି ଓ ଜଙ୍ଗଲ ଜମି ଅଧିଗ୍ରହଣ କରି କୋଇଲା ଉତ୍ତୋଳନ କରାଯିବା ପରେ ଏହି କୋଇଲାକୁ ସଡ଼କ ପଥରେ ଓ ଟ୍ରେନ ଯୋଗେ ବାହାରକୁ ରପ୍ତାନୀ କରାଗଲା। ଫଳରେ ମାତ୍ରଧିକ ପ୍ରଦୂଷଣ ସହ ସର୍ବାଧିକ ତାପମାତ୍ରା ବୃଦ୍ଧିପାଇ ଚାଷଜମିର ଉର୍ବରତା ନଷ୍ଟ କରିବା ସହ ଜଳସ୍ତର ନିମ୍ନଗାମୀ ରହିଥିବାରୁ ଏହା ଚାଷ ଉପଯୋଗୀ ହୋଇପାରୁ ନାହିଁ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ବହୁ ପୁରାତନ ଜଙ୍ଗଲ ଧ୍ୱଂସ ପାଇବାରୁ ଜଙ୍ଗଲରୁ ବୋହି ଆସିଥିବା ଝରଣା ବିଲୋପ ଘଟିଲା। ତତ୍‌ସହିତ ଋତୁର ପରିବର୍ତ୍ତନ ହେବା ସାଙ୍ଗକୁ ନିଅଣ୍ଟିଆ ବର୍ଷା, ତାଳଚେର ସହର ଦେଇ ଯାଇଥିବ କେନାଲ ଓ ଶାଖା କେନାଲଗୁଡ଼ିକ ପୂର୍ଣ୍ଣାଙ୍ଗ ହୋଇ ପାରିନଥିବାରୁ ଚାଷୀ ଚାଷରୁ ମୁହଁ ଫେରାଇ ନେଉଛନ୍ତି। ଅପରପକ୍ଷେ ଚାଷ ଜମିରେ ପଶି ହାତୀପଲ, ବାରହା ପଲ, ବ୍ୟାପକ କ୍ଷୟକ୍ଷତି କରିଥାନ୍ତି। ଏପରିକି, ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ବିହନ ଉନ୍ନତମାନର ହୋଇ ନଥିବାରୁ କେଉଁଠାରେ ଏହି ବିହନ ଗଜା ହେଉନଥିବା ବେଳେ ଆଉଁ କେଉଁଠି ଧାନ ଗଛରେ ଫଳ ରହୁ ନାହିଁ। ସେହିପରି ସାରର ଅହେତୁକ ମୂଲ୍ୟ ବୃଦ୍ଧି ଏହି ସବୁ କାରଣରୁ ଚାଷୀ ଆଉ ଚାଷ କରିବାକୁ ମନ ବଳାଉ ନାହାଁନ୍ତି ବୋଲି ଚାଷୀମାନେ ଦୁଃଖର ସହ ପ୍ରକାଶ କରିଛନ୍ତି।

# ଡା. ଦାମୋଦର ରାଉତଙ୍କ ବିୟୋଗରେ ଶୋକସଭା



**ଢେଙ୍କାନାଳ, ୨୩।୩ (ସମିସ):** ସ୍ଥାନୀୟ ବସ୍‌ଷ୍ଟାଣ୍ଡ ନିକଟସ୍ଥ ସାଂସଦଙ୍କ ଆବାସିକ କାର୍ଯ୍ୟାଳୟଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡା. ଦାମୋଦର ରାଉତଙ୍କ ବିୟୋଗରେ 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ସାଂସଦ ମହେଶ ସାହୁଙ୍କ ଉପସ୍ଥିତିରେ ସଭ୍ୟମାନେ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ପ୍ରଥମେ ସ୍ୱର୍ଗତ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସଭାରେ ସାଂସଦ ଶ୍ରୀ ସାହୁ କହିଥିଲେ ଯେ, ତାଙ୍କ ବିଧାୟକ ସମୟରେ ଡାକ୍ତର ରାଉତଙ୍କ ସହିତ ଘନିଷ୍ଠ ସମ୍ପର୍କ ଥିଲା। ସେ ଜଣେ ସ୍ନେହୀ, ବନ୍ଧୁବତ୍ସଳ, ସ୍ପଷ୍ଟବାଦୀ ଓ ରାଜନୈତିଜ୍ଞ ଥିଲେ। ଏହି ଦୁଃଖଦ ସମୟରେ ତାଙ୍କ ପରିବାରକୁ ଶ୍ରୀଜଗନ୍ନାଥ ସହାୟ ହୁଅନ୍ତି ବୋଲି ପ୍ରାର୍ଥନା କରିଥିଲେ। ଏହି ଶୋକସଭାରେ ଅନ୍ୟମାନଙ୍କ ମଧ୍ୟରେ 'ଆମ ପ୍ରତିଭା ଆମ ସମ୍ମାନ'ର ସଭାପତି ପ୍ରିୟ ରଞ୍ଜନ ମାହୁଁନ୍ତ, ବରିଷ୍ଠ ନେତା ପ୍ରତାପ ଦାସ, କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇ, ଆଇନଜୀବୀ କିଶାନ ବିଶ୍ୱାଳ, ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ସାହୁ, ଦୁଷ୍ମନ୍ତ ମହାନ୍ତି, ଶେଖର ସେଠୀ, ବାବୁ ଖାନ୍, ଡାକ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଜିଲ୍ଲା ରକ୍ତ ଭଣ୍ଡାରରେ ବ୍ୟାପକ ଅବ୍ୟବସ୍ଥା

# ରକ୍ତ ଅଭାବ, କର୍ମଚାରୀ ମରୁଡ଼ି









**ଢେଙ୍କାନାଳ, ୨୩।୩ (ସମିସ)**

ଢେଙ୍କାନାଳ ରକ୍ତଭଣ୍ଡାର କେନ୍ଦ୍ରରେ ରକ୍ତର ଘୋର ଅଭାବ ରହିଥିବା ବେଳେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ସାଙ୍ଗକୁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନଥିବାର ଜଣାପଡ଼ିଛି। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରେ ଦୈନିକ ୩୦ ୟୁନିଟ ରକ୍ତ ଆବଶ୍ୟକ ଥିବା ବେଳେ ମାତ୍ର ୩ଟି ରହିଛି। ଏହି ରକ୍ତଭଣ୍ଡାରରେ ରକ୍ତ ଖାଲି ରହିଥିବା ହେତୁ ଥାଲସେମିଆ ରୋଗୀ ସହିତ ବିଭିନ୍ନ ରୋଗୀମାନଙ୍କର ଜରୁରୀ ସେବା ପାଇଁ ରକ୍ତର ଘୋର ଅଭାବ ରହିଛି। ଏପରିକି ଅତ୍ୟାବଶ୍ୟକ ସ୍ଥଳେ ମଧ୍ୟ ରୋଗୀମାନଙ୍କୁ ଦେବା ପାଇଁ ରକ୍ତ ନାହିଁ। ପ୍ରତି ବର୍ଷ ଗ୍ରୀଷ୍ମରେ ଏଭଳି ରକ୍ତ ସଂକଟ ଦେଖାଦେଇଥାଏ। ସଂଗ୍ରହ ଠାରୁ ଆବଶ୍ୟକତା ପରିମାଣ ଅଧିକ ବ୍ୟବହାର କରାଯାଉଥିବା ହେତୁ ଏବେ ରକ୍ତ ଭଣ୍ଡାରରେ ଉତ୍କଟ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପଟେ ଏହାର ମୁକାବିଲା ପାଇଁ ରକ୍ତ ଭଣ୍ଡାର କୌଣସି ପ୍ରକାର ପଦକ୍ଷେପ ନେଉନଥିବା ଯୋଗୁ ଜିଲ୍ଲାବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ରକ୍ତ ଆବଶ୍ୟକୀୟ ବ୍ୟକ୍ତିଙ୍କ ଅଭିଯୋଗ ଅନୁଯାୟୀ ରକ୍ତଦାତାଙ୍କ ପ୍ରାକ୍ ପରୀକ୍ଷଣ ହେଉ ନାହିଁ ଯାହା ଫଳରେ ରୋଗୀ ନୂତନ ଏକ ରୋଗରେ ପଡ଼ିବାର ଆଶଙ୍କା ରହିଛି। ସେହିପରି ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିରରେ ସମୟରେ ଅଧିକାରୀ ସେଠାରେ ଉପସ୍ଥିତ ରହୁନଥିବା ଅଭିଯୋଗ କରିଛନ୍ତି। ଯାହାଫଳରେ ରକ୍ତଦାତାଙ୍କ ପ୍ରାକ୍ ପରୀକ୍ଷଣ ତ ଦୂରର କଥା ରକ୍ତଚାପ ମଧ୍ୟ ମପା ହେବା ସମ୍ଭବ ହେଉନାହିଁ। ଆବଶ୍ୟକୀୟ ପରିମାଣର କର୍ମଚାରୀ ଅଭାବରୁ ଏଭଳି ଅନିୟମିତତା ଦେଖାଯାଏ ବୋଲି କିଛି ବରିଷ୍ଠ ଡାକ୍ତର ନିଜର ମତ ପ୍ରକାଶ କରିଛନ୍ତି। ଅଧିକାରୀଙ୍କ ଯୋଗାଯୋଗ ନମ୍ବର ସାର୍ବଜନୀନ ହେଉନଥିବାରୁ ଏନେଇ ଅଧିକାରୀଙ୍କୁ ଅଭିଯୋଗ କରିବା ପାଇଁ ମଧ୍ୟ କୌଣସି ବାଟ ପାଉନାହାନ୍ତି। ଅନ୍ୟପଟେ ରକ୍ତଭଣ୍ଡାର ଅଧିକାରୀ ଜୟ ନାରାୟଣ ପାଢ଼ୀ ବହୁ ମାସ ତଳୁ ବଦଳି ହୋଇଯାଇଥିଲେ ମଧ୍ୟ ଫଳକରେ ନୂତନ ଅଧିକାରୀଙ୍କ ଫଳକ ଲଗାଯାଉ ନାହିଁ। ଫଳରେ ରକ୍ତ ଓ ସମସ୍ୟାକୁ ନେଇ ଯୋଗାଯୋଗ କରିବା ସମ୍ଭବ ହେଉନାହିଁ। ଖରାଦିନେ ବିଭିନ୍ନ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଉନଥିବା ଯୋଗୁ ପରିସ୍ଥିତି ଜଟିଳ ହେଉଛି। ଜିଲ୍ଲା ରକ୍ତ ଭଣ୍ଡାରରେ ଦୈନିକ ୩୦ ୟୁନିଟ୍ ରକ୍ତ ଆବଶ୍ୟକ ରହୁଥିବା ବେଳେ ମାତ୍ର ୩ରୁ ୪ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଛି। ରକ୍ତ ପାଇଁ ବିଭିନ୍ନ ରୋଗୀ ଓ ସମ୍ପର୍କୀୟମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏହି ରକ୍ତ ଭଣ୍ଡାରରେ ଥିବା ବିଭିନ୍ନ ଗ୍ରୁପ୍‌ର ରକ୍ତର ଗଚ୍ଛିତ ବିବରଣୀ ସୂଚନା ଫଳକରେ ରଖାଗଲେ ରୋଗୀମାନେ ଉପକୃତ ହେବା ସହ ଜରୁରୀ ସେବାରେ ନିୟୋଜିତ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

### ● ରକ୍ତଦାତାଙ୍କ ପ୍ରାକ୍ ପରୀକ୍ଷଣ ହେଉନାହିଁ

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ ପ୍ରତିବାଦରେ ଆପ୍‌ର ବିକ୍ଷୋଭ



**ଖମାର, ୨୩।୩(ସମିସ):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଗିରଫ ପ୍ରତିବାଦରେ ଆପ୍, ପାଲଲହଡ଼ା ଶାଖା ପକ୍ଷରୁ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାଲଲହଡ଼ା ବିଧାନସଭା କ୍ଷେତ୍ରର ସଭାପତି ଯୁଗଳ କିଶୋର ଜିତଙ୍କ ଅଧ୍ୟକ୍ଷତାରେ ଆପ୍‌ର କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଥମେ ଖମାରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପଥପ୍ରାନ୍ତ ସଭା କରାଯାଇଥିଲା। ପରେ ପାଲଲହଡା, ରେଙ୍ଗାଳି, ବକ୍ରକୋଟ, କଣିହାଁ, ଏନ୍‌ଟିପିସି, ସମଲଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଆପ୍ ଅନୁଗୋଳ ଜିଲ୍ଲା ଉପସଭାପତି ଦୋଳଗୋବିନ୍ଦ ମହାପାତ୍ର, ବିଧାନସଭା କ୍ଷେତ୍ରୀୟ ଉପସଭାପତି ପଙ୍କଜ ନାଏକ, କଣିହାଁ ବ୍ଲକ ସଭାପତି ରବିନାରାୟଣ ପ୍ରଧାନ, ଅବନୀ କୁମାର ସାହୁ, ନୃସିଂହ ଚରଣ ପ୍ରଧାନ, ବିଷ୍ଣୁସେନ ସେଠୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ମୋଦୀ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।



ଲାୟନ୍ସ କ୍ଲବ୍, ଅନୁଗୋଳ ପକ୍ଷରୁ ଦୋଳ ଉତ୍ସବ

# ହିତରେ ଲାଗୁନି ସିଏସ୍‌ଆର୍ ପାଣ୍ଠି!

## ପଲ୍ଲୀସଭାରେ ନିଷ୍ପତ୍ତି ନେଇ ଉନ୍ନୟନ କାର୍ଯ୍ୟ କରିବାକୁ ଦାବି






**ତାଳଚେର, ୨୩।୩(ସମିସ):** ତାଳଚେର ଅଞ୍ଚଳରେ କୋଇଲା ଖଣିଗୁଡ଼ିକରେ ହରାଇଥିବା ବ୍ୟାପକ ଜଙ୍ଗଲ ଜମି, ଘରବାଡ଼ି, ଗୋଚର ଜମି ଇତ୍ୟାଦି ଯୋଗୁଁ ତାଳଚେର ଅଞ୍ଚଳବାସୀ ବିସ୍ଥାପିତ ଜୀବନ ଅତିବାହିତ କରୁଥିବା ବେଳେ ଏଠାରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସିଏସଆର୍ ପାଣ୍ଠି କିଛି ମୁନାଫାଖୋର ବ୍ୟକ୍ତି ଓ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ଲାଭଦାୟକ ହୋଇଥିବା ବେଳେ ଏହି ଅର୍ଥ ଅଞ୍ଚଳବସୀଙ୍କ ହିତରେ ଲାଗୁନଥିବା ଅଭିଯୋଗ ହେଉଛି। ଦୃଷ୍ଟାନ୍ତମୂଳକ ଭାବେ କୁହାଯାଇପାରେ ବାଙ୍କଧରା ଛକଠାରୁ ଥର୍ମାଲ ପର୍ଯ୍ୟନ୍ତ ପ୍ରାୟ ୪ କିମି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ପ୍ରାୟ ଦେଢ଼ କୋଟି ଟଙ୍କା ବିନିମୟରେ ଏକବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିବା ଫେବର ବ୍ଲକ ଆଜି କେଇଁଠି ମାଟିତଳେ ହଜି ଯାଇଥିବା ବେଳେ ଆଉ କିଛି ଭାଙ୍ଗିରୁଜି ଚୁରମାର୍ ହୋଇଥିବା ଦେଖିବାକୁ ମିଳିଛି। ଏଥିନେଇ ମଧ୍ୟ ଲୋକମାନେ ଦୁର୍ଘଟଣାର ଶିକାର ହେଉଥିବା କୁହାଯାଉଛି। ତେବେ ଏତେ ଗୁଡ଼ାଏ ଟଙ୍କା ଏଠାରେ କାହା ସ୍ୱାର୍ଥରେ ଓ କାହିଁକି ସିଏସ୍‌ଆର ଅର୍ଥରୁ ଖର୍ଚ୍ଚ କରାଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଜି କଣ୍ଟାଳ ପଞ୍ଚାୟତ ଲିଙ୍ଗରାଜ କୋଇଲା ଖଣିଠାରୁ ମାତ୍ର ୧କିମି ଦୂର ତାଳବେଡ଼ାରେ ବହୁ ପୁରାତନ ଯାହାକି ଲୋକଙ୍କର ଦୈନନ୍ଦିନ କାର୍ଯ୍ୟରେ ଆସୁଥିବା କୂଅ ଉପରେ ପଡ଼ିଥିବା ବିମ୍ ଭାଙ୍ଗିରୁଜି ବିପଜ୍ଜନକ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ସେହିଭଳି ବାଙ୍କଧରା ଛକ ମରଣଯନ୍ତା ସାଜିଥିବା ବେଳେ ତାଳବେଡ଼ା ନିକଟରେ ରହିଥିବା ୧୪୯ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକ ପଞ୍ଚାୟତ ରାସ୍ତା ଯେଉଁଥିରେ କି, ଦୈନିକ ଶହଶହ ଲୋକ ନିର୍ଭର କରିଥାନ୍ତି ସେହି ଦାସରଥିପୁର ଗ୍ରାମ ରାସ୍ତାଟି ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ତେବେ ସିଏସଆର୍ ଅର୍ଥରେ ଏହି ରାସ୍ତା ନିର୍ମାଣ କରାଯାଉ ନାହିଁ କାହିଁକି? ଏଠାରେ କିଏ ଓ କାହା ସ୍ୱାର୍ଥରେ ସିଏସ୍‌ଆର (ସାମାଜିକ ଦାୟିତ୍ୱବୋଧ) ପାଣ୍ଠି ଖର୍ଚ୍ଚ କରାଯାଉଛି ତାହା ନିର୍ମାଣ କାର୍ଯ୍ୟଗୁଡ଼ିକରୁ ବେଶ ସ୍ପଷ୍ଟବାରି ହୋଇ ପଡୁଛି। ଏହାର ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ଅଞ୍ଚଳର କ୍ଷତିଗ୍ରସ୍ତ ପ୍ରଜା ଓ ପ୍ରଭାବିତ ଅଞ୍ଚଳ ପାଇଁ ଏହି ପାଣ୍ଠି ଉଦ୍ଦିଷ୍ଟ ହୋଇଥିବା ବେଳେ କିଛି ମୁନାଫାଖୋର ବ୍ୟକ୍ତିବିଶେଷ ଓ ସମ୍ପୃକ୍ତ ଅଧିକାରୀଙ୍କ ପାଇଁ ଏହି ପାଣ୍ଠି ବାଟବଣା ହୋଇଛି ବୋଲି ଅଭିଯୋଗ ହେଉଛି। ତେବେ ସିଏସ୍‌ଆର (ସାମାଜିକ ଦାୟିତ୍ୱବୋଧ) ପାଣ୍ଠି ଖର୍ଚ୍ଚ କରିବା ପୂର୍ବରୁ ଯେଉଁ ଗ୍ରାମଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ ହେଉଛି ଯଦି ସେଠାରେ ପଲ୍ଲୀସଭା କରାଯାଇ ନିଷ୍ପତ୍ତି ନିଆ ହୁଅନ୍ତା ତେବେ ଏହି ଅର୍ଥ ଲୋକଙ୍କ ହିତରେ ଲାଗିପାରନ୍ତା ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

## ଢେଙ୍କାନାଳ ଜିଲ୍ଲାରେ ପ୍ରାଣୀସେବା ବିପର୍ଯ୍ୟସ୍ତ

# ୧୧୪ ପ୍ରାଣୀଧନ ନିରୀକ୍ଷକଙ୍କ ମଧ୍ୟରୁ ୬୮ ପଦବୀ ଖାଲି

**ଢେଙ୍କାନାଳ, ୨୩।୩ (ସମିସ)**

ଢେଙ୍କାନାଳ ଜିଲ୍ଲାରେ ୨୨ଟି ପ୍ରାଣୀଧନ ଚିକିତ୍ସାଳୟ ଏବଂ ୮୬ଟି ପ୍ରାଣୀଧନ ସହାୟକ କେନ୍ଦ୍ରରେ କର୍ମଚାରୀ, ଡାକ୍ତର ଏବଂ ନିରୀକ୍ଷକଙ୍କ ଅଭାବ ଯୋଗୁ ଗୃହପାଳିତ ପଶୁ ଚିକିତ୍ସିତ ହୋଇ ପାରୁନଥିବାର ଜଣାପଡ଼ିଛି। କେତେକ କର୍ମଚାରୀ ଗ୍ରାମରେ ନିଜର ଘର କାର୍ଯ୍ୟରେ ବ୍ୟସ୍ତ ରହୁଥିବାବେଳେ ସରକାରଙ୍କ ଦ୍ୱାରା ନିର୍ମିତ କୋଠାଘରଗୁଡ଼ିକ ଭୂତଖାନାରେ ପରିଣତ ହୋଇଛି। ଜିଲ୍ଲାରେ ମୋଟ ୯୪ଟି ପ୍ରାଣୀଧନ ନିରୀକ୍ଷକ ପଦବୀ ମଧ୍ୟରୁ ୬୮ଟି ପଦବୀ ଖାଲି ପଡ଼ିବା ଯୋଗୁ ଗୃହପାଳିତ ପଶୁ ପକ୍ଷୀଙ୍କ ଜୀବନ ସଙ୍କଟରେ ବୋଲି ଆଲୋଚନା ହେଉଛି। ଜିଲ୍ଲାରେ ମୋଟ ୪ ଲକ୍ଷ ୪ ହଜାର ୬୭୧ ଦେଶୀ ଗାଇ ୧୪ ହଜାର ୫ ଶହ ଶଙ୍କର ଜାତୀୟ ଗାଇ, ୧୫ ହଜାରରୁ ଅଧିକ ମଇଁଷି, ୧ ଲକ୍ଷ ୭୧ ହଜାରରୁ ଅଧିକ ଛେଳି, ୨୬ ହଜାରରୁ ଅଧିକ ମେଣ୍ଢା, ୧ ହଜାର ୨୧୬ ଘୁଷୁରୀ ଏବଂ ସର୍ବାଧିକ ୨ ଲକ୍ଷରୁ ଅଧିକ କୁକୁଡ଼ା ରହିଛନ୍ତି। ସେମାନଙ୍କ ପାଇଁ ୨୨ଟି ପ୍ରାଣୀଧନ ଚିକିତ୍ସାଳୟ, ୮୬ଟି ସହାୟକ କେନ୍ଦ୍ର, ୯୮ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ସେମାନଙ୍କ ଦେଖାଶୁଣା ଲାଗି ୭୬ଜଣ ପ୍ରାଣୀଧନ ନିରୀକ୍ଷକ ଏବଂ କର୍ମଚାରୀ ରହିବା କଥା। ସେମାନଙ୍କ ମଧ୍ୟରୁ ଭୁବନ ବ୍ଲକରେ ୩ଟି ଚିକିତ୍ସାଳୟ ୯ଟି ସହାୟକ କେନ୍ଦ୍ର ୧୨ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୭ଜଣ ନିରୀକ୍ଷକଙ୍କ ଲାଗି ପଦବୀ ରହିଛି। ସେହିପରି ଢେଙ୍କାନାଳ ସଦରରେ ବ୍ଲକରେ ୩ଟି ଚିକିତ୍ସାଳୟ, ୧୫ଟି ସହାୟକ କେନ୍ଦ୍ର, ୧୮ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୧୩ ଜଣ ନିରୀକ୍ଷକ, ଗଁଦିଆ ବ୍ଲକରେ ୨ଟି ଚିକିତ୍ସାଳୟ, ୧୩ଟି ସହାୟକ କେନ୍ଦ୍ର, ୧୫ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୧୨ ଜଣ ନିରୀକ୍ଷକ, ହିନ୍ଦୋଳ ବ୍ଲକରେ ୩ଟି ଚିକିତ୍ସାଳୟ ୧୫ଟି ସହାୟକ କେନ୍ଦ୍ର, ୧୪ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୧୩ ଜଣ ନିରୀକ୍ଷକ, କାମାକ୍ଷାନଗର ବ୍ଲକରେ ୨ଟି ଚିକିତ୍ସାଳୟ, ୧୦ଟି ସହାୟକ କେନ୍ଦ୍ର, ୧୨ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୮ ଜଣ ନିରୀକ୍ଷକ, କଙ୍କଡାହାଡ ବ୍ଲକରେ ୨ଟି ଚିକିତ୍ସାଳୟ, ୭ଟି ସହାୟକ କେନ୍ଦ୍ର, ୭ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୫ ଜଣ ନିରୀକ୍ଷକ, ଓଡାପଡ଼ା ବ୍ଲକରେ ୨ଟି ଚିକିତ୍ସାଳୟ, ୯ଟି ସହାୟକ କେନ୍ଦ୍ର, ୧୨ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୧୦ ଜଣ ନିରୀକ୍ଷକ ଏବଂ ପରଜଙ୍ଗ ବ୍ଲକରେ ୧ଟି ଚିକିତ୍ସାଳୟ, ୮ଟି ସହାୟକ କେନ୍ଦ୍ର, ୪ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଏବଂ ୭ଜଣ ନିରୀକ୍ଷକ ପଦବୀ ରହିଛି। ଏହା ସହ ଢେଙ୍କାନାଳ ପୌରାଞ୍ଚଳ, ଭୁବନ ଏନ୍‌ଏସି, ହିନ୍ଦୋଳ ଏନ୍‌ଏସି ଓ କାମାକ୍ଷାନଗର ଏନ୍‌ଏସିରେ ଗୋଟିଏ ଲେଖାଏଁ ପ୍ରାଣୀ ଚିକିତ୍ସାଳୟ ରହିଛି। ଏହି ସବୁ କେନ୍ଦ୍ର ଉପରେ ଜିଲ୍ଲାର ଗୃହପାଳିତ ପଶୁ ଚିକିତ୍ସା ନିମନ୍ତେ ଚାଷୀମାନେ ନିର୍ଭର କରିଥାନ୍ତି। ଚାଷୀମାନେ ସ୍ୱାବଲମ୍ବୀ ହେବା ଲାଗି ଏବଂ ଦାରିଦ୍ର୍ୟ ଦୂରୀକରଣ ଲାଗି ବିଭିନ୍ନ ସମୟରେ ଗାଇ କୁକୁଡ଼ା ଛେଳି ଭଳି ଅନେକ ଗୃହପାଳିତ ପଶୁ ପାଳନ କରିଥାନ୍ତି। କିନ୍ତୁ ଜିଲ୍ଲାରେ ଥିବା ଅନେକ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର କର୍ମଚାରୀ ଶୂନ୍ୟ ହୋଇପଡ଼ିଛି। ନାମକୁ ମାତ୍ର ହାତଗଣତି କର୍ମଚାରୀଙ୍କୁ ନେଇ ପ୍ରାଣୀଧନ ନିରୀକ୍ଷକଙ୍କୁ କାର୍ଯ୍ୟ ଚାଲିଛି। ଜଣାପଡ଼ିଛି ଯେ, ଜିଲ୍ଲାରେ ମୋଟ ୧୧୪ ଜଣ ପ୍ରାଣୀଧନ ନିରୀକ୍ଷକଙ୍କ ମଧ୍ୟରୁ ମାତ୍ର ୪୬ ଜଣ ରହିଛନ୍ତି ଏବଂ ୬୮ ପଦବୀ ଖାଲି ପଡ଼ିଛି। ସେହିପରି ମୋଟ ୨୧ ଜଣ ପ୍ରାଣୀ ଚିକିତ୍ସାଧିକାରୀଙ୍କ ମଧ୍ୟରୁ ୧୨ ଜଣ କାର୍ଯ୍ୟରତ ଥିବା ବେଳେ ୯ଟି ପଦବୀ ଖାଲିପଡ଼ିଛି। ଅତିରିକ୍ତ ପ୍ରାଣୀ ଚକିତ୍ସାଧିକାରୀଙ୍କ ମଧ୍ୟରୁ ୮ ଜଣରୁ ମାତ୍ର ଜଣେ ଥିବା ବେଳେ ୭ଟି ପଦବୀ ଖାଲିପଡ଼ିଛି। ଦୀର୍ଘ ଦିନ ହେବ ଜିଲ୍ଲାରେ ଏହି ପଦବୀ ଖାଲିପଡ଼ିଥିବା ବେଳେ ଏହାକୁ ପୂରଣ କରିବା ନେଇ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଜଣାପଡ଼ିଛି। ନୂତନ ନିଯୁକ୍ତି ପ୍ରଦାନ କରାଯାଉନଥିବାରୁ କର୍ମଚାରୀମାନଙ୍କ ଅଭାବ ଦେଖାଦେଇଛି। ଅନେକ କେନ୍ଦ୍ରରେ ପ୍ରାଣୀଧନ ନିରୀକ୍ଷକ ନଥିବାରୁ ପିଅନମାନେ ଗୃହପାଳିତ ପଶୁମାନଙ୍କର ସେବା କରୁଥିବା ଜଣାପଡ଼ିଛି। ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

**କାମ ଚଳାଉଛନ୍ତି ପିଅନ**

# ସାଧାରଣ ନିର୍ବାଚନ ଲାଗି କଂଗ୍ରେସର ବୈଠକ




**ଢେଙ୍କାନାଳ, ୨୩।୩ (ସମିସ):** ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଜି କଂଗ୍ରେସର ବୈଠକ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲ୍ଲା ସଭାପତି ସୁନୀଲ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗାନ୍ଧୀ ମନ୍ଦିରଠାରେ ସାମ୍ବାଦିକ ସମ୍ମିଳନୀ

ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ପିସିସି ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଜିଲ୍ଲା କଂଗ୍ରେସର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡାକ୍ତର ତୁଷାରକାନ୍ତି ନାୟକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ପିସିସି ସାଧାରଣ ସମ୍ପାଦକ ଆଦିତ୍ୟ ମହାପାତ୍ର ଏବଂ ରାଜ୍ୟ ଓବିସି ସେଲ୍‌ର ସାଧାରଣ ସମ୍ପାଦକ ଭାବେ ନିଶାକର ସାହୁ ନିଯୁକ୍ତି ପାଇଥିବାରୁ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ ତାଙ୍କୁ ସମ୍ମାନିତ କରିଥିଲେ। ଏହି ସମ୍ମିଳନୀରେ କଂଗ୍ରେସର ଜିଲ୍ଲା ତଥା ରାଜ୍ୟସ୍ତରୀୟ ବରିଷ୍ଠ ନେତୃବୃନ୍ଦ ରବିନାରାୟଣ ମହାନ୍ତି, ପ୍ରେମ ଶଙ୍କର ମିଶ୍ର, ସୁଭାଷିନୀ ମହାକୁଡ଼, ଆଦିତ୍ୟ ମହାପାତ୍ର, ନିଶାକର ସାହୁ, ସମରେନ୍ଦ୍ର ନନ୍ଦ, ରୁଦ୍ର ପ୍ରକାଶ ଶରଣ, ବିପ୍ରବର ସାହୁ, ଅମ୍ଲାନ ଖଟୁଆ, ଆଶୁତୋଷ ସ୍ୱାଇଁ, ପ୍ରଦୀପ ମହାନ୍ତି, ପ୍ରତାପ ମହାନ୍ତି, ଫକିର ଚନ୍ଦ୍ର ସାହୁ, ବିଜୟ ସ୍ୱାଇଁ, ହୃଦୟାନନ୍ଦ ମହାନ୍ତି, ଶୁଭମ୍ ଦାସ୍, ସରୋଜ ଶତପଥୀ, କୈଳାସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନେତା ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ମାନୁନାହାନ୍ତି ପ୍ରଦୂଷଣ କଟକଣା; ପ୍ରୋତ୍ସାହନ ଦେଉଛନ୍ତି ସ୍ଥାନୀୟ ଅଧିକାରୀ

# ଜଳୁଛି ନାଲି ଇଟାଭାଟି; କଲବଲ ଅଞ୍ଚଳବାସୀ

**ଗରଦପୁର, ୨୩।୩(ସମିସ)**



ଗ୍ରାମାଞ୍ଚଳରେ ନାଲି ଇଟାର ବହୁଳ ବ୍ୟବହାର ଦେଖିବାକୁ ମିଳିଛି। ଏହାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ମୋଟା ଅଙ୍କର ଅର୍ଥ ନେଇ ମାଫିଆଙ୍କୁ ଭାଟି ପୋଡିବାକୁ ଅନୁମତି ଦେଉଛନ୍ତି। ଏମିତିକି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ସ୍ଥାନରେ ନାଲି ଇଟା ଭାଟି ଚାଲିଛି। ପ୍ରଦୂଷଣ ବିଭାଗର ଛାଟ ପଡୁଥିଲେ ମଧ୍ୟ ମାଟି ଇଟାଭାଟି ମାଫିଆଙ୍କ ବିରୋଧରେ ସ୍ଥାନୀୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଖରା ଗରମ ସାଙ୍ଗକୁ ଇଟାଭାଟି ଧୂଆଁ ସମସ୍ତଙ୍କୁ ଅସ୍ତବ୍ୟସ୍ତ କଲାଣି। ଜିଲ୍ଲାରେ ଶହ ଶହ ମାଟି ଇଟା ଭାଟି ବେଆଇନ ଭାବେ ଚାଲିଛି। ଇଟାଭାଟି ମାଲିକମାନେ ଭିତିରି ସଲାସୁତୁରା କରି ସରକାରଙ୍କ ନିର୍ଦ୍ଦେଶନାମାକୁ ଫୁଃ କରି ଦେଇଛନ୍ତି। ଗରଦପୁର ବ୍ଲକର ଭଗବାନପୁର, ବଙ୍ଗାଳପୁର, ସାନଅଡ଼ଙ୍ଗ, କଳାବୁଦା, ଗରଦପୁର, ପାଟକୁରା, ପାଖଡ଼, ବେଡାରୀ, ପଦ୍ମପୁର ସମେତଏକାଧିକ ସ୍ଥାନରେ ମାଟିଇଟା ନିର୍ମାଣ କରାଯାଉଛି। ଫଳରେ ମୃତ୍ତିକାକ୍ଷୟ ହେବା ସହ ପ୍ରଦୂଷଣର ମାତ୍ରା ମଧ୍ୟ ବୃଦ୍ଧି ପାଉଛି। ଉଭୟ ପାର୍ଶ୍ୱରେ ପ୍ରବାହିତ ଦୁଇଟି ନଦୀ ଯଥା ପାଇକା ଏବଂ ଚିତ୍ରୋତ୍ପଳା ନଦୀର ପଠାକୁ ମେସିନ ଦ୍ୱାରା ତାଡି ମାଟି ଇଟା ପ୍ରସ୍ତୁତ କରୁଛନ୍ତି। ଭଗବାନପୁର, ପାଖଡ଼, ଗରଦପୁର, ପାଟକୁରା, ପଦ୍ମପୁର ଆଦି ପଞ୍ଚାୟତରେ ୪୦ରୁ ଅଧିକ ମାଟି ଇଟାଭାଟି ଚାଲିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଇଟାଭାଟି ମାଲିକମାନେ ମୃର୍ତିକାକ୍ଷୟର ମୁଖ୍ୟ ନାୟକ ପାଲଟିଛନ୍ତି। ମାଟି ଇଟା ବିକ୍ରି କରି ସାଧାରଣ ଲୋକଙ୍କୁ ମଧ୍ୟ ଶୋଷଣ କରିଚାଲିଛନ୍ତି। ଗରଦପୁର ଅଧିକାଂଶ ଜାଗାରେ ବେଆଇନ ଇଟାଭାଟିଗୁଡ଼ିକ ଚାଲୁଥିଲେ ହେଁ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛି। ମାଲିକମାନେ ଏସବୁ ମାଟି ଇଟାକୁ ଟ୍ରକ, ଟାକ୍ଟର, ଡମ୍ଫରଯୋଗେ ବିଭିନ୍ନ ସ୍ଥାନକୁ ପଠାଉଛନ୍ତି। ଗରଦପୁର ଅଞ୍ଚଳରେ ଦୀର୍ଘ ବର୍ଷରୁ ଇଟାଭାଟି ମାଲିକମାନେ ସକ୍ରିୟ ହୋଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ପ୍ରଦୂଷଣକୁ ନେଇ ସ୍ଥାନୀୟ ଲୋକ ଅନେକ ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ଫଳ ଶୂନ। କେବଳ ଏତିକି ନୁହେଁ ଏହି ସବୁ ଇଟାଭାଟି ଗରଦପୁର ବ୍ଲକ ଅଧୀନରେ ଦୁଇଟି ଥାନାରୁ ମାତ୍ର ୨ରୁ ୩.କି.ମି. ଦୂର ହୋଇଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନି। ଏହିସବୁ ଇଟାଗୁଡ଼ିକ ଗରଦପୁର ବ୍ଲକ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଜାଗାକୁ ପଠାଯାଉଛି। ଏସବୁ ବେଆଇନ କାର୍ଯ୍ୟର ତଦାରଖ କରିବାକୁ ତହସିଲ ଅଫିସ ରହିଛି। ସ୍ଥାନୀୟ ଅଞ୍ଚଳରେ ଏସବୁ ବେଆଇନ କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବା ପରିବର୍ତ୍ତେ କାଁ ଭାଁ ଯାଞ୍ଚ କରି ଛାଡି ଦେଉଛନ୍ତି। ଜିଲ୍ଲାର ଗୋଟିଏ କି ଦୁଇଟି ବ୍ଲକ ନୁହେଁ ପ୍ରାୟ ଅଧିକାଂଶ ବ୍ଲକ ଅଧିନରେ ଥିବା ତହସିଲ ଅଫିସର କର୍ମଚାରୀମାନେ ସରକାରଙ୍କ ନିର୍ଦ୍ଦେଶନାମାକୁ ପାଳନ କରୁନାହାନ୍ତି। ଯାହାର ଫଳ ଭୋଗୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ବେଆଇନ ଇଟାଭାଟିଗୁଡ଼ିକୁ ଚିହ୍ନଟ କରି ବନ୍ଦ କରିବାକୁ ବିଭିନ୍ନ ମହଲରୁ ଏବେ ଦାବି ହେଉଛି।

## ସମାଜସେବୀ ପ୍ରଭାତ ପ୍ରଧାନଙ୍କ ସ୍ମୃତି ଚାରଣ ସଭା



**ଗୋବିନ୍ଦପୁର, ୨୩।୩(ସମିସ):** ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତ ହଦୁଆ ଗ୍ରାମର ସମାଜସେବୀ ପ୍ରଭାତ ପ୍ରଧାନଙ୍କ ଏକାଦଶାହରେ ଆଜି ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଶିକ୍ଷାବିତ ନିରଞ୍ଜନ ଦାସ, ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ ନାୟକ, ଶିକ୍ଷାବିତ ଯଶୋବନ୍ତ ନାୟକ, କୃତିବାସ ପ୍ରଧାନ, ଆକୁଳି ଚରଣ ଥାଟୋଇ, ତ୍ରିଲୋଚନ ଥାଟୋଇ, ବିରକିଶୋର ସାମଲ, ସପନ ପ୍ରଧାନ, ତପନ ପ୍ରଧାନ, ପ୍ରସନ୍ନ ପ୍ରଧାନ, ବିଜନ ଜେନା, ଦାଶରଥି ପ୍ରଧାନ, ଗଣନାଥ ସାହୁ, ଶ୍ରୀନିବାସ ଜେନା, ମଧୁସୁଦନ ମଲିକ, ପ୍ରଫୁଲ ମଲିକ, ପ୍ରଫୁଲ ସାହୁ, ଚୈତନ୍ୟ ପ୍ରଧାନ, ଉଜନାନନ୍ଦ ନାଥ, ହରେକୃଷ୍ଣ ନାଥ, ଚୈତନ୍ୟ ପ୍ରଧାନ, କବିର ସାମଲ, ଶ୍ରୀଧର ମଲିକ, ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ପ୍ରଧାନ ଜଣେ ପରୋପକାରୀ ତଥା ଗ୍ରାମର ବହୁ ଉନ୍ନତି ମୁଳକ କାର୍ଯ୍ୟରେ ତାଙ୍କର ମୁଖ୍ୟ ଭୁମିକା ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ। ଏହି ସ୍ମୃତିସଭାରେ ସ୍ୱର୍ଗତ ପ୍ରଧାନଙ୍କ ବହୁ ସହପାଠୀ ଉପସ୍ଥିତ ଥିଲେ।

## ଚାନ୍ଦୋଳ ଓ ରାଜନଗର ମେଲଣ

**ଡେରାବିଶ, ୨୩।୩(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ନୃସିଂହନାଥଙ୍କ ପ୍ରାଙ୍ଗଣରେ ଆଜି ଫାଲଗୁନ ତ୍ରୟୋଦଶୀ ତିଥିରେ ଚାନ୍ଦୋଳ ମେଲଣ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମେଲଣର ଥାନପତି ପଲେଇ ମଠ ଗୋପିନାଥଜୀଉ ବିମାନ ମେଲଣ ପଡ଼ିଆରେ ଉପବେଶନ କରିବା ପରେ ପଡ଼ିଆର ଚର୍ତୁପାର୍ଶ୍ୱରୁ ୬୦ରୁ ଊର୍ଦ୍ଧ୍ୱ ବିମାନ ବାଜାବାଣ ଓ ସଂକୀର୍ତ୍ତନ ମଧ୍ୟରେ ପଡ଼ିଆ ମଧ୍ୟକୁ ପ୍ରବେଶ କରି ନିଜ ନିଜ ପାଇଁ ଉଦ୍ଦିଷ୍ଟ ଥିବା ଆସନରେ ଉପବେଶନ କରିଥାନ୍ତି।

ପରେ ଚାନ୍ଦୋଳ ମେଲଣ ମେଲଣ କମିଟି ପକ୍ଷରୁ କଞ୍ଚା ମାଟିପାତ୍ରରେ ସମସ୍ତ ବିମାନ ସମ୍ମୁଖରେ ଭୋଗଲାଗି କରାଯାଇଥିଲା। ଏହି ମେଲଣ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ବିଭିନ୍ନ ଫାଷ୍ଟଫୁଡ଼ ଓ ଖେଳଣା ଏବଂ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନ ମାନଙ୍କରେ ଗ୍ରାହକମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିବା ଏହି ମେଲଣ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଥିବାରୁ ମେଲଣ କମିଟି ପକ୍ଷରୁ ବିମାନ ମାଲିକମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ସେହିପରି ବ୍ଲକ ଅଧିନସ୍ଥ ରଘୁଦେଇପୁର ପଞ୍ଚାୟତ



ରାଜନଗରସ୍ଥିତ ଆଳି ରାଜାଙ୍କ ଶାସନ ସମୟରୁ ରାଜାଙ୍କ ରାଜଧାନୀ ଭାବେ ପରିଚିତ ରାଜନଗରଠାରେ ପାରମ୍ପରିକ ରୀତିନୀତି ମଧ୍ୟରେ ରାଜନଗର ମେଲଣ ଅନୁଷ୍ଠିତ ହୋଇଯାଇଛି।

ଏହି ମେଲଣ ଥାନପତି ଭାବେ ରାଜାଙ୍କ ପଞ୍ଚମୁଖୀ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଓ ଆଳି ରାଣୀଙ୍କ ଦ୍ୱାରା ପ୍ରତିଷ୍ଠିତ ଡେରାବିଶର ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ଆସିଥିବା ମା’ ଲକ୍ଷ୍ମୀଙ୍କ ବିମାନ ପ୍ରଥମେ ମାଟିରେ ନିର୍ମିତ୍ତ ହୋଇଥିବା କନକ ବେଦୀ ଉପରେ ଉପବେଶନ କରିବା ପରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବିମାନ ମେଲଣ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ରାଜାଙ୍କ ନଅର ପକ୍ଷରୁ ସମସ୍ତ ବିମାନ ସମ୍ମୁଖରେ ଭୋଗ ଲାଗିବା ପରେ ଅବିର ଖେଳ ହୋଇଥିଲା। ପରେ ମେଲଣ ଉଦଯାପିତ ହୋଇଥିଲା। ଏହି ମେଲଣ ରାଜନଗର ଓ ନୋଳସାହି ସମେତ ଆଖପାଖ ଗ୍ରାମବାସୀଙ୍କ ଉଦ୍ୟମରେ ପରିଚାଳିତ ହୋଇଥିଲା। ଏହି ଅବସରରେ ଗତ ଗୁରୁବାରଠାରୁ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ଦ୍ୱାରା ନାଟକ, ଉତ୍ସବ ଅନୁଷ୍ଠିତ ହେଉଛି। ଏଥିସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ମଧ୍ୟ ମେଲଣ ପଡ଼ିଆରେ ଆଜି ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଥିଲା।

## ବଡକୋଟରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ରାଜନଗର, ୨୩।୩(ସମିସ):** ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ଅନ୍ତର୍ଗତ ବଡକୋଟ ଗ୍ରାମରେ ସ୍ଥାପନ କରାଯାଇଥିବା ସିଦ୍ଧ ମହାବୀର ହନୁମାନ ପୀଠରେ ୯ଦିନ ବ୍ୟାପି ରାମଚରିତ ମାନସ ପଠନ, ଯଜ୍ଞ ପୀଠରେ ଅଗ୍ନି ସ୍ଥାପନ, ସିଦ୍ଧ ହନୁମାନ ଦେବଙ୍କ ଉପଚାର ପୂଜା, ସୂର୍ଯ୍ୟ ପୂଜା, ଗୋମାତା ପୂଜା, ଶ୍ରୀରାମ ଦେବଙ୍କ ସହସ୍ରନାମ ପାଠ, ହନୁମାନ ଚାଳିଶା ପାଠ ସହିତ ପ୍ରଭୁ ଶ୍ରୀରାମଙ୍କ ଲୀଳା ଏବଂ ସିଦ୍ଧ ହନୁମାନ ଦେବଙ୍କ ମହାନ ଗାଥା ଉପରେ ଆଧ୍ୟାତ୍ମିକ ପ୍ରବଚନ ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପ୍ରଫୁଲ୍ଲ କୁମାର ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ କଲ୍ୟାଣ ପାଇଁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବଡକୋଟ, କ୍ଷୀରକୋଟ, ତେତେଲେଙ୍ଗା, ନରଣପୁର, ଶଙ୍ଖପୁର, ଜୁଣୁପଙ୍ଗା, କାଙ୍କଦିଆ ପ୍ରଭୃତି ଗ୍ରାମବାସୀଙ୍କ ସହଯୋଗରେ ଏହି ମହାଯଜ୍ଞ ଆୟୋଜନ କରାଯାଇଥିଲା। ଗ୍ରାମର ଦୁଃଶାସନ ସ୍ୱାଇଁ, ସୁବାଷ କୁମାର ରାଉତ, ପ୍ରମୋଦ ସ୍ୱାଇଁ, ଯୁଧିଷ୍ଠିର ରାଉତ, ଗୌରାଙ୍ଗ ରାଉତ, ହଳଧର ରାଉତ, ଭାସ୍କର ଦାସ, ଖଗେଶ୍ୱର ଦାସ, ରବୀନ୍ଦ୍ର ଦାସ, ଲଳାଟେନ୍ଦୁ ରାଉତ, ସରପଞ୍ଚ ଅନୀଲ କୁମାର ଲେଙ୍କା, ସୁବ୍ରତ ବାରିକ, ଜଗନ୍ନାଥ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ଉନ୍ମୋଚିତ ହେଲା ‘ମୋ ଗାଁ ନଳପୋଖରୀ’ ସିଡି

**ରାଜକନିକା, ୨୩।୩(ସମିସ)**



ମା’ ମାଟିର ମହକକୁ ସାରା ଦୁନିଆରେ ବିଚ୍ଛୁରିତ କରିବାର ଅଦମ୍ୟ ଉତ୍ସାହକୁ ନେଇ ନିଜ ଭାବ ଓ ଭାଷାରେ ବ୍ୟକ୍ତ କରି ଏକ ସଙ୍ଗୀତରେ ଆତ୍ମପ୍ରକାଶ କରିଛି। ମୋ ଗାଁ ନଳପୋଖରୀ ରୂପକ କ୍ୟାସେଟରେ ନଳବଣରେ ଘେରି ପୋଖରୀ ଚାରିପାଖରେ ରହିଥିବା କେତେକ ନୁଆଁଣିଆ ଚାଳ ଘରର ସମଷ୍ଟିକୁ ଗାଁ କୁହାଯିବା ଭଳି ମୌଳିକତାକୁ ଏହି କ୍ୟାସେଟରେ ଗୀତିକାର ନିରୋଦ କୁମାର ନାୟକ ସ୍ଥାନ ଦେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଆଜି ଅପରାହ୍ନରେ ନଳପୋଖରୀ ଗାଁ ର ଆରାଧ୍ୟା ମା ବୁଢ଼ୀ କନକେଇଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ କ୍ୟାସେଟ ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ସଙ୍ଗୀତକାର ଦୀନେଶ କୁମାର ମଲିକ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଭାବରେ ସାମ୍ବାଦିକ ସୁକାନ୍ତ ଦାଶ, ଅନ୍ୟତମ ଅତିଥି ଅମର ନାୟକ, ପ୍ରଧାନଶିକ୍ଷକ ପୁରୁଷୋତ୍ତମ ପତି ପ୍ରମୁଖ ଗାଁ ପାଇଁ ଏଭଳି ପ୍ରୟାସ ଅନନ୍ୟ ଓ ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତିକାରଙ୍କ ବାପା ନିରଞ୍ଜନ ନାୟକ, କବି ଦୟାନିଧି ଦାଶ, ଦାମୋଦର ଧଳ, ଲକ୍ଷ୍ମୀଧର ମିଶ୍ର, ପତିତପାବନ ବେହେରା, ସୁକାନ୍ତ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ସୁଜିତ ବେହୁରାଙ୍କ ସମେତ ବହୁ ବକ୍ତା କ୍ୟାସେଟର ସଫଳତା କାମନା କରିଥିଲେ। ମୋ ଗାଁ ନଳପୋଖରୀ କ୍ୟାସେଟ ଉନ୍ମୋଚନ କାର୍ଯ୍ୟକ୍ରମରେ ଗାଁ ର ଜନଗଣ, ବୁଦ୍ଧିଜୀବୀ, ଯୁବକ, ଯୁବତୀମାନେ ସହଯୋଗ କରିଥିଲେ। ଗାଳ୍ପିକ ଗୟାଧର ନାଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

### ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସ ନାଁରେ ଥାନାରେ ଅଭିଯୋଗ

# ବିନା ନୋଟିସ୍‌ରେ ସୁନା ନିଲାମ କରିଦେଲେ

**ରାଜନଗର, ୨୩।୩(ସମିସ)**

ରାଜନଗରସ୍ଥିତ ଆଶ୍ରୀର୍ବାଦଜମାଇକ୍ରୋ ଫାଇନାନ୍ସ ବା ଆଶ୍ରୀର୍ବାଦ ସୁନା ଋଣ ସଂସ୍ଥା ଋଣ ନେଇଥିବା ମହିଳାଙ୍କୁ ନଜଣାଇ ତାଙ୍କ ସୁନାକୁ ନିଲାମ କରିଦେଇଛନ୍ତି। ଏ ନେଇ ମହିଳା ଜଣଙ୍କ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ମୋତେ ଡରାଇ ଧମକାଇ ରିଜିଓନାଲ ମ୍ୟାନେଜର ସୁନା ନେଇଗଲେ ବୋଲି ପୁଲିସକୁ ବ୍ରାଞ୍ଚ ମ୍ୟାନେଜର ଲେଖିଦେବା ଘଟଣା ସୁନାଋଣ ନାଁରେ ଚାଲିଥିବା କେଳେଙ୍କାରୀ ସାମ୍ନାକୁ ଆସିଛି।

ରାଜନଗର ଥାନାରେ ଅଭିଯୋଗ ମୁତାବକ ଏହି ଥାନା ଅନ୍ତର୍ଗତ କୋଇଲିପୁର ପଞ୍ଚାୟତ ବାର୍ହାପୁର ଗାଁର ଦିଲ୍ଲୀପ କୁମାର ବେହେରାଙ୍କ ସ୍ତ୍ରୀ ମୌସୁମୀ ପ୍ରିୟଦର୍ଶନୀ ରାଜନଗରସ୍ଥିତ ଆଶ୍ରୀର୍ବାଦ ସୁନାଋଣ ସଂସ୍ଥାରୁ ୧୦ ଫେବୃୟାରୀ ୨୦୨୩ରେ ୨୧୦ ଗ୍ରାମ ସୁନା ଦେଇ ୮ ଲକ୍ଷ ୧୦ ହଜାର ଟଙ୍କା ଋଣ ନେଇଥିଲେ। ନଭେମ୍ବର ୨୦୨୩ରେ ସୁଧ ବାବଦକୁ ୧ ଲକ୍ଷ ଟଙ୍କା ଡିପୋଜିଟ କରିଛନ୍ତି। ଗତକାଲି ଋଣ ସୁଝି ସୁନା ନେବାକୁ ରାଜନଗରସ୍ଥିତ ବ୍ୟାଙ୍କରେ ଆସି ପହଁଞ୍ଚିଥିଲେ। ବ୍ୟାଙ୍କରେ ପହଞ୍ଚିବା ପରେ ବ୍ୟାଙ୍କ ପରିଚାଳକ ତୁମ ସୁନା ନିଲାମ ହୋଇ ସାରିଛି ବୋଲି କହିଥିଲେ। ମୋତେ ନଜଣାଇ, କୌଣସି ନୋଟିସ ନଦେଇ କିପରି ସୁନା ନିଲାମ କଲ ବୋଲି ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଏ ନେଇ ମୌସୁମୀ ପ୍ରିୟଦର୍ଶନୀ ଗତକାଲି ରାତିରେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଆଶ୍ରୀର୍ବାଦ ସୁନା ଋଣ ସଂସ୍ଥା ପକ୍ଷରୁ ଋଣ ନେଇଥିବା ମୌସୁମୀଙ୍କୁ ନୋଟିସ ଦିଆଯାଇଥିବା ନେଇ କହୁଥିବା ବେଳେ ନୋଟିସ ଦିଆଯାଇଥିବାର କୌଣସି ପ୍ରମାଣ ପୁଲିସ ପାଖରେ ଦାଖଲ କରିପାରିନାହାଁନ୍ତି। ଏ ସମ୍ପର୍କରେ ଶାଖା ପରିଚାଳକ ଜୟ ପ୍ରକାଶ ଲେଙ୍କାଙ୍କ କହିବା କଥା ହେଲା ସାର୍‌ଙ୍କୁ କାଲି ସକାଳେ ଜଣାଇଥିଲି। ଯେତେବେଳେ ନିଲାମ କରାଗଲା ଏରିୟା ମ୍ୟାନେଜର୍‌ଙ୍କୁ ବାର୍ ବାର୍ କହିଛି, ଅପେକ୍ଷା କରିବାକୁ, ଗ୍ରାହକ ଆସୁଛନ୍ତି, ମୀମାଂଶା କରିବାକୁ। ମୋ କଥା ନଶୁଣି ମୋତେ ଜବ୍ ଥ୍ରେଟିନ ଦେଖାଇ ମୋ ଠାରୁ ସୁନା ନେଇଗଲେ। ସସ୍‌ପେଣ୍ଡ କରିବୁ ବୋଲି ଧମକ ଦେଇ ସୁନା ନେଇଗଲେ ବୋଲି ଗଣମାଧ୍ୟମକୁ କହିବା ସହ ପୁଲିସକୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ଏହାବାଦେ ସୁନା ଋଣ ନେଇଥିବା ମୌସୁମୀ ସୁଧଟଙ୍କା ନଭେମ୍ବର ମାସରେ ପୈଠ କରିଥିବା ବେଳେ ଅବଶିଷ୍ଟ ଟଙ୍କା ସୁଝିବାକୁ ସମୟ ଦେଇଥିଲେ। ଋଣ ସୁଝିବାକୁ ଆସିବା ବେଳକୁ ବିନା ନୋଟିସରେ କିପରି ସୁନା ନିଲାମ କରିଦିଆଗଲା, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଏପରିକି ରାଜନଗର ବ୍ରାଞ୍ଚରେ ସୁନା ନିଲାମ ସମ୍ପର୍କିତ କୌଣସି କାଗଜପତ୍ର ନଥିବା ଜଣାପଡ଼ିଛି। ସାଧାରଣ ଲୋକେ ନିଜର ଆବଶ୍ୟକତା ମେଣ୍ଟାଇବା ପାଇଁ ଜୀବନ ସାରା ସଞ୍ଚୟ ଅର୍ଥରୁ କରିଥିବା ସୁନାକୁ ବିନା ନୋଟିସରେ ପ୍ରାଇଭେଟ ସଂସ୍ଥା ନିଲାମ କରିଦେବା କହି ସୁନା ନଦେବା ଘଟଣା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହାକୁ ନେଇ ଶାଖାରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଆମକୁ ସୁନା ନଫେରାଇଲେ ଆମେ ବ୍ୟାଙ୍କ ଆଗରେ ଧାରଣାରେ ବସିବୁ ବୋଲି ମୌସୁମୀ ପ୍ରିୟଦର୍ଶନୀ କହିଛନ୍ତି।

## ବିଶ୍ୱ ଜଙ୍ଗଲ ଦିବସ ପାଳିତ

**ପଟ୍ଟାମୁଣ୍ଡାଇ, ୨୩।୩(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡ଼ା ଉପ୍ରା ବିଦ୍ୟାଳୟରେ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବଡପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନିରାକାର ସେଠୀ, ସିଆରସିସି ଏମ ଡି ମସିଉଲ୍ଲା, ପୂର୍ବତନ ପ୍ରଧାନଶିକ୍ଷକ ବିଧୁଭୂଷଣ ମହାନ୍ତି, ସ୍କୁଲ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ରାଉତ ଓ ସହକାରୀ ଶିକ୍ଷକ କବି ଅନ୍ତର୍ଯ୍ୟାମୀ ବେଜ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିରେଖା ମହାରଣା ଧନ୍ୟବାଦ ଦେଇଥିଲେ।

## ପେଣ୍ଠ ବେଳାଭୂମିରେ ଛାତ୍ରଛାତ୍ରୀଙ୍କ ସଫେଇ କାର୍ଯ୍ୟକ୍ରମ



**ରାଜନଗର, ୨୩।୩(ସମିସ):** ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପକ୍ଷରୁ ପେଣ୍ଠ ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ଇକୋ କ୍ଲବ ଶିକ୍ଷକ ସେକ୍ ନିଏମାତୁଲ୍ଲା, ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ରାଉତ ଏବଂ ବ୍ରହ୍ମାବଧୂତ ଅଭୟ ବାବାଙ୍କ ମାର୍ଗ ଦର୍ଶନରେ ଛାତ୍ର ଛାତ୍ରୀମାନେ ସଫେଇ କାର୍ଯ୍ୟ କରିଥିଲେ। ଏଠାରେ ସୂଚନାଯୋଗ୍ୟ ପେଣ୍ଠ ବେଳାଭୂମିରେ ଚାଲିଥିବା ତଣ୍ଡା ଯଜ୍ଞର ଚତୁଃପାର୍ଶ୍ୱରେ ପଡ଼ିଥିବା ପଲିଥିନ ଓ ଅଳିଆ ଆବର୍ଜନାକୁ ସଫେଇ କରିଥିଲେ। ଏହି ସଫେଇ କାର୍ଯ୍ୟରେ ଶିକ୍ଷୟିତ୍ରୀ ଅମିତା ରାଉତ, ପ୍ରିୟଙ୍କା ଜେନା, ଶୁଭ୍ରା ବେହେରା ଏବଂ ଶିକ୍ଷକ ନିରଞ୍ଜନ ପଲାଇ ପ୍ରମୁଖ ସହଯୋଗ କରିଥିଲେ।

### ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

# ଗୋଚର ଜମିରେ ବେଆଇନ ଗୃହ କରି ବିଲ୍ ହାତେଇବାକୁ ପ୍ରସ୍ତୁତି

**କେନ୍ଦ୍ରାପଡ଼ା, ୨୩।୩(ସମିସ)**

ଗୋଚର ଜମିରେ ବେଆଇନ ନିର୍ମାଣ ଗୃହର ବିଲ ପେମେଣ୍ଟ କରିବାକୁ କେତେଜଣ ଅଧିକାରୀ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଜାଣିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ବାସନ୍ତୀ ଦେବୀ ମନ୍ଦିର ନିକଟରେ ଥିବା ଏକ ଗୋଚରଜମିଉପରେ ‘ଆମଗାଁଆମବିକାଶ’ ଯୋଜନାରେ ଗତ ୨୦୧୯ମସିହାରେ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବେଆଇନ ଭାବରେ ଏକ ଗୋଷ୍ଠୀକେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମ୍ପୃକ୍ତ କାର୍ଯ୍ୟଟିକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ବାହ କରାଯାଉଥିବାରୁ ଏସମ୍ପର୍କରେ ତତକାଳୀନ ଜିଲ୍ଲାପାଳ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏସମ୍ପର୍କରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତତକାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ବେଆଇନ ନିର୍ମାଣାଧୀଣ ଗୋଷ୍ଠିକେନ୍ଦ୍ର ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବାକୁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ ପରେ ସେହି ବେଆଇନ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଗଲା। ତେଣୁ ସେହି ଅର୍ଦ୍ଧନିର୍ମିତ ଗୃହର ନିର୍ମାଣ କାର୍ଯ୍ୟ ବନ୍ଦ ରହିବା ସହ ବିଲ ପେମେଣ୍ଟକୁ ମଧ୍ୟ ବନ୍ଦ କରାଯାଇଥିଲା। କିନ୍ତୁ ବର୍ତ୍ତମାନ କେତେଜଣ ଅଧିକାରୀ ସେହି ଗୋଚର ଜମିକୁ ଲିଜ ନେବା ପାଇଁ ତହସିଲଦାରଙ୍କ ନିକଟରେ ଆବେଦନ କରିବା ପରେ ତହସିଲଦାର ଏସମ୍ପର୍କରେ ଏକ ପବ୍ଲିକ ନୋଟିସ ଜାରିକରି ସାଧାରଣ ଲୋକଙ୍କଠାରୁ ଅଭିଯୋଗ ଆହ୍ୱାନ କଲେ।

କିନ୍ତୁ ସେହି ନୋଟିସଟି ଭରତପୁର ରାଜସ୍ୱ ସର୍କଲକୁ ପଠାଇ ସାଧାରଣ ଲୋକଙ୍କୁ ଜଣାଇବା ବଦଳରେ କେବଳ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଝୁଲାଇ ଦିଆଗଲା। ଏତେସବୁ ପରେବି ଏସମ୍ପର୍କରେ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ ପହଞ୍ଚିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ, ପ୍ରାକ୍ତନ ଜିଲ୍ଲାପାଳ ଓ ତହସିଲଦାରଙ୍କ ଆଦେଶକୁ ଲୁଚାଇ ଦିଆଯାଇ ବେଆଇନ ଭାବେ ସେହି ଗୋଚର ଜମିକୁ କେନ୍ଦ୍ରାପଡ଼ା ବ୍ଲକକୁ ଦିଆଯିବାକୁ କରାଯାଇଥିବା ସମସ୍ତ ମସୁଧା ଫସର ଫାଟିଯିବା ପରେ ଏବେ କେନ୍ଦ୍ରାପଡ଼ା ବ୍ଲକର କେତେଜଣ ଅଧିକାରୀ ସେହି ନିର୍ମାଣ ବନ୍ଦ କରାଯାଇଥିବା ଅର୍ଦ୍ଧନିର୍ମିତ ଗୃହର ବିଲ କରିଦେବାକୁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି। କାରଣ ଦୁଇଦିନ ପୂର୍ବରୁ ବ୍ଲକର କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳକୁ ଯାଇ ସେହି ଅର୍ଦ୍ଧନିର୍ମିତ ଗୃହର ମାପଚୁପ କରି ଆସିଥିବା ଅଭିଯୋଗ ହୋଇଛି। ଏନେଇ ମଧୁସୁଦନ ମଲିକ, ଚନ୍ଦ୍ରକାନ୍ତ ସ୍ୱାଇଁ, ଫକିର ପାତ୍ର, ସୁମନ୍ତ ନାୟକ, ଗୁରୁବାରୀ ବେହୁରା, ସୁକାନ୍ତ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶ୍ରୀ ରାମଚନ୍ଦ୍ର ବାରିକ୍
ଆବିର୍ଭାବ: ୦୨.୦୩.୧୯୩୬
ତିରୋଧାନ: ୨୦.୦୩.୨୦୨୩
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାର ବର୍ଗ

# ପଦନୀପାଳ ସେତୁ ସଂଯୋଗୀକରଣ ରାସ୍ତା ଧସିଲା

■ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଲା ଦ୍ୱୀପାଞ୍ଚଳ

■ ନିମ୍ନମାନର କାମ ଅଭିଯୋଗ ଆଣିଲେ ଗ୍ରାମବାସୀ

ଓଲାଇର, ୨୩।୩(ସମିସ): ଆଳି ବ୍ଲକର ଦ୍ୱୀପାଞ୍ଚଳ ଭାବେ ପରିଚିତ ପଦନୀପାଳବାସୀ ଦୀର୍ଘବର୍ଷ ପରେ ପାଇଥିବା ଖରସ୍ରୋତା ନଦୀ ଉପର ସେତୁଟିର ଆପ୍ରୋଚ ରାସ୍ତାଟି ବର୍ଷାରେ ଧସି ଥିବା ଯୋଗୁଁ ପୁଣି ସବୁଦିନ ଭଳି ଆଜି ମଧ୍ୟ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ମିଳିଥିବା ସୂଚନା ଅନୁସାରେ ମାର୍ଚ୍ଚ ୯ ତାରିଖରେ ଏହି ସେତୁର ଶୁଭ ଉଦଘାଟନ ହୋଇଥିଲା। ହେଲେ ୨ ଦିନରେ ଲାଗି ରହିଥିବା ଝଡ଼ ବର୍ଷାରେ ହଠାତ ରାଜକନିକା ବ୍ଲକ ନମତରା ପାର୍ଶ୍ୱସେତୁକୁ ଲାଗିଥିବା ସଂଯୋଗୀକରଣ ମାଟି ରାସ୍ତାଟି ଧସି ପଡ଼ିଥିଲା। ଫଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଛି। ଏଭଳି ଅଘଟଣ ପାଇଁ ସେତୁ ନିର୍ମାଣରେ ଅନିୟମିତତା ସହିତ କାମ ସମ୍ପୂର୍ଣ୍ଣ ନ ହୋଇ ତରବରିଆ ଭାବେ ଉଦଘାଟନ ହୋଇଥିବାର ଗାଁଲୋକେ ଦାୟୀ କରିଛନ୍ତି।



ପ୍ରକାଶଯୋଗ୍ୟ ଯେ ପଦନୀପାଳ ପଞ୍ଚାୟତର ଦୈତାରୀପୁର, କଳମୋଡା ଶାସନ ଓ ପଦନୀପାଳ ଗ୍ରାମର ଅନ୍ୟୂନ ୬ ହଜାରରୁ ଉର୍ଦ୍ଧ୍ୱ ଅଧିବାସୀ ଜଳ ଘେର ମଧ୍ୟରେ ରହି ଦୟନୀୟ ସ୍ଥିତିରେ ଜୀବନ ନିର୍ବାହ କରି ଆସୁଥିଲେ। ଏଥିପାଇଁ ନଈ ଆଉ ନୌକାକୁ ଭରସା କରି କେତେକ ଭିଟାମାଟି କାମୁଡ଼ି ରହିଥିଲେ ବି କେତେକ ଗାଁ ଛାଡି ଅନ୍ୟତ୍ର ଘର କରିଲେଣି। ହେଲେ ବହୁ ଦିନର ପ୍ରତୀକ୍ଷା ପରେ ୨୦୧୯ ମସିହାରୁ ଆରମ୍ଭ ହୋଇଥିବା ସେତୁଟି ୧୫ ଦିନ ତଳେ ଉଦଘାଟନ ହୋଇ ଧସି ଯିବାରୁ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଛି। ଏମିତିକି ସେତୁର ସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ ନ ହୋଇ ତରବରିଆ ଭାବେ ଲୋକାର୍ପଣ ହେବା ସେତୁ ସ୍ଥାୟୀତ୍ୱ ପ୍ରତି ମଧ୍ୟ ସନ୍ଦେହ ବଢ଼ାଇ ଦେଇଛି। ଆଗରୁ ମଧ୍ୟ ସେତୁ ନିର୍ମାଣରେ ନିମ୍ନମାନର କାମ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ତେବେ ଆଜି ୨୫ କୋଟିର ଏହି ସେତୁଟିର ଦୁର୍ବଳ ସଂଯୋଗୀକରଣ ରାସ୍ତା ସାମାନ୍ୟ ବର୍ଷାରେ ଧୋଇଥିବା ସାଧାରଣରେ ଚର୍ଚ୍ଚିତ କରିଛି। ହେଲେ ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅୟସକାନ୍ତ ମହାପାତ୍ରଙ୍କ ମତ ହେଲା କେବଳ ଉଦଘାଟନ ନିମନ୍ତେ ସଂଯୋଗୀକରଣ ରାସ୍ତାଟି ନିର୍ମାଣ ହୋଇଥିଲା ବୋଲି ସେ ହାଲକା ଭାବେ କହିଥିଲେ। ବିଭାଗୀୟ ଏସଡିଓ ସତ୍ୟବ୍ରତ ପଣ୍ଡା ବି ସଂଯୋଗୀକରଣ ରାସ୍ତାଟି ଧସି ନାହିଁ ବୋଲି ଖଣ୍ଡନ କରିଥିଲେ। ତେବେ ସାମାନ୍ୟ ବର୍ଷାରେ ଯଦି ମାଟିବନ୍ଧ ଧୋଇଗଲା ବର୍ଷା ବନ୍ୟାରେ ଦୁଇ ପାର୍ଶ୍ୱର ମାଟି ବନ୍ଧ କେମିତି ତିଷ୍ଠିବ ତାହା ସମୟ ହିଁ କହିବ। ଏଥିପାଇଁ ଉଚ୍ଚାଧିକାରୀ ସରଜମିନ ତଦନ୍ତ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଉପଭୋକ୍ତାଙ୍କ ସୁରକ୍ଷା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

■ ବସ୍‌ଯାତ୍ରାବେଳେ ଟିକଟ୍; ଦ୍ରବ୍ୟ କିଣିଲେ ରସିଦ ମିଳୁନି

■ ଛତୁଆ, ପାଉଁରୁଟି ଓ ମସଲା ପ୍ୟାକେଟରେ ରହୁନି ବ୍ୟବହାର ଯୋଗ୍ୟ ତାରିଖ

ଜଗତସିଂହପୁର, ୨୩।୩(ସମିସ): ଜଗତସିଂହପୁର ଜିଲ୍ଲାର ଉପଭୋକ୍ତାଙ୍କ ସୁରକ୍ଷାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ, ଜଗତସିଂହପୁର ଜିଲ୍ଲାର ସଦର ମହକୁମାରେ ହୋଟେଲ ଜଳଖିଆ, ଗ୍ରୋସରୀ, ଷ୍ଟେସନାରୀ ଓ ଲୁଗା ଦୋକାନରେ ଗ୍ରାହକଙ୍କୁ ରସିଦ ମାଗିଲେ ମଧ୍ୟ ମିଳୁନାହିଁ। କୌଣସି ଦୋକାନରେ ସାମଗ୍ରୀର ମୂଲ୍ୟ ସମ୍ପର୍କରେ ତାଲିକା ମଧ୍ୟ ଲଗାଯାଉନାହିଁ। ବଜାରରେ ମିଳୁଥିବା ଛତୁଆ, ପାଉଁରୁଟି, ହଳଦୀ ପ୍ରଭୃତି ମସଲା ପ୍ୟାକେଟରେ ବ୍ୟବହାରଯୋଗ୍ୟ ତାରିଖ ରହୁନାହିଁ। ଏହାଦ୍ୱାରା ମୁନାଫାଖୋର ବ୍ୟବସାୟୀମାନେ ଗ୍ରାହକଙ୍କୁ ଠକିବାର ସୁଯୋଗ ପାଉଛନ୍ତି। ସେହିପରି ଜିଲ୍ଲାକୁ ଚଳାଚଳ କରୁଥିବା ଘରୋଇ ବସ୍‌ରେ ଭଡା ସଂକ୍ରାନ୍ତରେ ଚାର୍ଟ ଲଗାଯାଉନାହିଁ। କଟକ ଯିବା ସମୟରେ କଣ୍ଡକ୍ଟରଙ୍କୁ ଟିକଟ ମାଗିଲେ ଦେଉନାହାନ୍ତି। ନିର୍ଦ୍ଧାରିତ ଭଡାଠାରୁ ଅଧିକ ଭଡା ଆଦାୟକରି ଯାତ୍ରୀମାନଙ୍କୁ ଶୋଷଣ କରାଯାଉଛି। ବସ୍‌ରେ ଚାର୍ଟ ଲଗାଯିବା ଓ ଯାତ୍ରୀଙ୍କୁ ଉପଯୁକ୍ତ ଭଡା ନେଉଥିବା ଟିକଟ ମିଳିବା ବ୍ୟବସ୍ଥା କରିବାକୁ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ସମ୍ପାଦକ ଗୋବିନ୍ଦ ଓଝା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବେ ଦାବି କରିଛନ୍ତି।

## ୨.୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

କେନ୍ଦ୍ରାପଡ଼ା, ୨୩।୩(ସମିସ): କେନ୍ଦ୍ରାପଡ଼ାରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଥିବାରେ ଲାଗିଛି। କେତେବେଳେ ବ୍ରାଉନସୁଗାର ତ କେତେବେଳେ ଦେଶୀ ମଦ ଜବତ ହେଉଛି। ଆଜି ବଡ଼ ଧରଣର ଗଞ୍ଜେଇ ରାକେଟର ଜଣଙ୍କୁ ଅବକାରୀ ଓ ପୁଲିସର ମିଳିତ ଚଢ଼ଉରେ କାବୁ କରାଯାଇଛି। ସଦର ଥାନା ଅଧିନ ଚାନ୍ଦୋଳ ବଜାରରୁ ଏହି ଗଞ୍ଜେଇ ଜବତ ହୋଇଛି। ମୁକୁନ୍ଦପୁର ଗାଁର ପବିତ୍ର ପ୍ରତାପ ବାଇକରୁ ୨.୩ କେଜି ଗଞ୍ଜେଇ ଜବତ ହୋଇଛି। ପୂର୍ବରୁ ଅଭିଯୁକ୍ତଙ୍କୁ ଟ୍ରାକ କରାଯାଇଥିଲା। ଆଜି ଗଞ୍ଜେଇ ନେଇ ଚାନ୍ଦୋଳ ଅତିକ୍ରମ କରୁଥିବା ଖବର ମିଳିଥିଲା। ଏନେଇ ଅବକାରୀ ଓ ପୁଲିସ ଟିମ୍ ମିଳିତ ଚଢ଼ଉରେ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା ବୋଲି ଅବକାରୀ ଅଧିକାରୀ ନରେଶ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ବର୍ଷେ ତଳ ଡକାୟତି ଘଟଣାରେ ୨ ଗିରଫ



ରାଜନଗର, ୨୩।୩(ସମିସ): ରାଜନଗର ଥାନା ଠାରୁ ଗୋଟିଏ କିମି ଦୂରରେ ଗୃହକର୍ତ୍ତାଙ୍କୁ ବନ୍ଧୁକ ଦେଖାଇ ବାନ୍ଧି ସୁନା, ରୂପା ଓ ଟଙ୍କା ଲୁଟି ନେଇଥିଲେ ଡକାୟତ। ଏହି ଘଟଣାରେ ରାଜନଗର ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୁଲିସ କେଳା ସମ୍ପ୍ରଦାୟର କେତେଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପଟ୍ଟାମୁଣ୍ଡାଇ ମଡେଲ ଥାନାର ଅଧିକାରୀମାନେ ମାଟିଆପାଳ ଗାଁର ଲକ୍ଷ୍ମଣ ଦାସ ଓ ବାଲିପଡ଼ା ଗାଁର ସଞ୍ଜୟ ସାହୁଙ୍କୁ ଗିରଫ କରି ରାଜନଗର ପୁଲିସକୁ ହସ୍ତାନ୍ତର କରିଥିଲେ। ଲକ୍ଷ୍ମଣଙ୍କ ଠାରୁ ୬୧ହଜାର ଟଙ୍କା, ଗୋଟିଏ ସୁନା ଚେନ, ଗୋଟିଏ ରୂପା ଚେନ, ଗୋଟିଏ ସିଲଭର ତାବିଜ, ଗୋଟିଏ ମୋବାଇଲ ଓ ମୋଟର ସାଇକେଲ ଜବତ କରାଯାଇଥିବା ବେଳେ ଅପରାଧିଙ୍କ ଠାରୁ ସୁନା କିଣିଥିବା ସଞ୍ଜୟଙ୍କ ଠାରୁ ଗୋଟିଏ ସୁନା ମଙ୍ଗଳସୂତ୍ର ଜବତ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ରାଜନଗର ଥାନା ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା




ଡେରାବିଶ, ୨୩।୩(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ମହାବିଦ୍ୟାଳୟର ସେବା ନିବୃତ ଅଧକ୍ଷ ଡକ୍ଟର ଲକ୍ଷ୍ମଣ କୁମାର ଦାଶ ଓ ମୁଖ୍ୟ କିରାଣି ଅମରେନ୍ଦ୍ର ମହଲାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ଓଡ଼ିଆ ବିଭାଗର ଅଧ୍ୟାପକ ଶଶିଭୂଷଣ ଜେନା ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସଞ୍ଜୟ କୁମାର ବରାଳ, ପ୍ରାଧ୍ୟାପିକା ଡକ୍ଟର କବିତା ଷଡଙ୍ଗୀ, ପ୍ରାଧ୍ୟାପକ ବିନୟ କୁମାର ଷଡଙ୍ଗୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିବାବେଳେ ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ବେଦପାଠ କରିଥିଲେ। ମହାବିଦ୍ୟାଳୟର ସମାଜବିଜ୍ଞାନ ଅଧ୍ୟାପକ ଦୀଲ୍ଲିପ କୁମାର ଭୂୟାଁ, ପ୍ରାଧ୍ୟାପକ ଅବନୀ ରଞ୍ଜନ ନାୟକ, ପ୍ରାଧ୍ୟାପିକା ମିନାକ୍ଷୀ ପ୍ରଧନ ପ୍ରମୁଖ ସେବାନିବୃତ ଅଧ୍ୟକ୍ଷ ଡକ୍ଟର ଦାଶ ଓ ଶ୍ରୀ ମହଲାଙ୍କ ଗୁଣଗାନ କରିଥିଲେ। ପରେ ଛାତ୍ର ଦୁର୍ଗା ପ୍ରସାଦ ଲେଙ୍କା, ଛାତ୍ରୀ ଚାମେଲି ପ୍ରିୟଦର୍ଶିନୀ, ଛବିରାଣୀ ଜେନା ଓ ସ୍ୱପ୍ନାରାଣୀ ଭୂୟାଁ ବିଦାୟୀ ସଙ୍ଗୀତ ଓ ନୃତ୍ୟ ପରିବେଶଣ କରିଥିଲେ। ଅଧ୍ୟାପକ ପ୍ରଦୀପ ରାଉତ ଓ ଦିବ୍ୟ କୁମାର ଦାସ ଉଭୟ ସେବା ନିବୃତଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ସମର୍ପିତ କରିଥିଲେ। ଏହି ସଭାକୁ ଅଧ୍ୟାପକ ବରଦା ପ୍ରସାଦ ଜେନା, ବେଦପ୍ରକାଶ ନାୟକ, ଦେବାଶିଷ ମହନ୍ତ, ଅଧ୍ୟାପିକା ମନିଷା ଦାସ, ମନିଷା ମହାରଣା, ମେନକା ପଣ୍ଡା, ଶାଶ୍ୱତି ପ୍ରଜ୍ଞା ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ଅଧ୍ୟାପିକା ଲୋପାମୁଦ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଘୂର୍ଣ୍ଣିଝଡ ବିପନ୍ନଙ୍କୁ ଭେଟିଲେ ବିଧାୟକ



ରାଜନଗର, ୨୩।୩(ସମିସ): ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ପଟ୍ଟାପାରିଆ ଗାଁରେ ଗତକାଲି ଘୂର୍ଣ୍ଣିଝଡ ଯୋଗୁଁ ୪ ପରିବାର ବିପନ୍ନ ହୋଇପଡ଼ିଥିଲେ। ଆଜବେଷ୍ଟ ଘର ଛପର ସହିତ ଚାଳ ଛପରକୁ ଘୂର୍ଣ୍ଣିଝଡ ଉଡାଇ ନେଇଥିଲା। ୪ ପରିବାରର ଛପର ସହିତ ଆସବାସ ପତ୍ର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ପଟ୍ଟାପାରିଆ ଗାଁର କୈଳାସ ଦାସ, ହିମାଂଶୁ ଶେଖର ମଣ୍ଡଳ, ଝାଡେଶ୍ୱର ମଣ୍ଡଳ, ତପନ ମାଇତିଙ୍କ ପରିବାର ଘୂର୍ଣ୍ଣିଝଡ ଯୋଗୁଁ ବିପନ୍ନ ହୋଇ ପଡ଼ିଥିଲେ। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଛନ୍ତି। ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ରଙ୍ଗଣୀ ପଞ୍ଚାୟତର ସରପଞ୍ଚ ଲୋପାମୁଦ୍ରା ଜେନା, ସମିତିସଭ୍ୟ ତପନ ସାହୁ, ତାଳଚୁଆ ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ, ୱାର୍ଡ ସଭ୍ୟ ସୁବାଷ ପାତ୍ର, ଶ୍ରୀରାମ ଦଳାଇ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ବାରିକ, ବିଜୟ ନାୟକ, ବାଘମାରି ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁକ୍ତି କୁମାର ପାତ୍ର, ବାଘମାରୀ ପଞ୍ଚାୟତର ସମତିସଭ୍ୟ ମନୋରଞ୍ଜନ ମଣ୍ଡଳ, ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସମେବଦନା ଜଣାଇଛନ୍ତି।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ




ଡେରାବିଶ, ୨୩।୩(ସମିସ): ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ପରିସରରେ ୭ ଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ୭ ଦିନ ମଧ୍ୟରେ ସ୍ୱେଚ୍ଛାସେବୀ ମାନେ ପୋଷ୍ୟଗ୍ରାମ ଆଳିଜଙ୍ଗାକୁ ବିଭିନ୍ନ ସମୟରେ ଯାଇ ପରିବେଶ ସଫାସୁତୁରା କରିବା ସହ ଅନେକ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଆଜିର ଏହି ଉଦ୍‌ଯାପନୀ ଦିବସରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଆଦ୍ୟାରଶ୍ମୀ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମଧୁସୁଦନ କାମିଲା ଓ ମୁଖ୍ୟବକ୍ତା ଭାବରେ ପୂର୍ବତନ ସେନା ଅଧିକାରୀ ମେଜର ଭରତ ଚନ୍ଦ୍ର ଜେନା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜାତୀୟ ସେବା ଯୋଜନାର ପୂର୍ବତନ ଜିଲ୍ଲା ଅଧିକାରୀ ତଥା ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି ଉତ୍ସବ ପରିଚାଳନା କରିଥିବା ବେଳେ ସ୍ୱେଚ୍ଛାସେବୀ ଶ୍ରୀଧର ଦାସ, ଅଭିଷେକ ସାହୁ, ହିରାମଣୀ ପ୍ରଧାନ, ନିହାରିକା ମହାନ୍ତି, ଭାଗ୍ୟଶ୍ରୀ ଚୁଳି, କ୍ଷୀରାବ୍‌ଠଧତନୟା ମଲିକ ଓ ବିମଳ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ହରିସିଂପୁରରେ ସାଇ ମନ୍ଦିର ପ୍ରତିଷ୍ଠା

ତିର୍ତ୍ତୋଲ, ୨୩।୩(ସମିସ): ତିର୍ତ୍ତୋଲ ବ୍ଲକ ମୂଳିସିଂ ପଞ୍ଚାୟତ ହରିସିଂପୁର ଗ୍ରାମରେ ସାଇନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୂଜକ ବସନ୍ତ ରାଉଳ, ଯୋଗେନ୍ଦ୍ର ପଣ୍ଡା, ବିଶ୍ୱକର୍ମା ଦୀପକ ମଲ୍ଲିକଙ୍କ ସହଯୋଗରେ ପୁସ୍ତକାଚାର୍ଯ୍ୟ ପଣ୍ଡିତ ରଘୁନାଥ ପଣ୍ଡା, ସନ୍ତୋଷ ତ୍ରିପାଠୀ, ଆଚାର୍ଯ୍ୟ ଗୋପୀନାଥ ଦାଶ, ସନତ ନନ୍ଦ, ସୌମ୍ୟରଞ୍ଜନ ପଣ୍ଡା, ବିମଳ ପ୍ରସାଦ ଦାଶ, ସୌମ୍ୟରଞ୍ଜନ ଦାଶ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ସାଇ ମନ୍ଦିର ଓ ଯଜ୍ଞ କମିଟି ସଭାପତି କୈଳାସ ଚନ୍ଦ୍ର ମଲ୍ଲିକ, ଉପସଭାପତି ସୁଧାଂଶୁ ଶେଖର ମଲ୍ଲିକ, ସମ୍ପାଦକ ଦିଲୀପ ମଲ୍ଲିକ, ସହ ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ମଲ୍ଲିକ, ସନ୍ତୋଷ ବାରିକ ପ୍ରମୁଖ ସହଯୋଗ କରିଥିଲେ। କୈଳାସ ଚନ୍ଦ୍ର ମଲ୍ଲିକ, ସଂଯୁକ୍ତା ମଲ୍ଲିକ, ସାରଦା ପ୍ରସାଦ ମହାରଣା ଓ ପଙ୍କଜିନୀ ମହାରଣା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରତିଷ୍ଠା ଉତ୍ସବ ପାଇଁ ୧୮ ତାରିଖରୁ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



## ରାଜନଗରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ରାଜନଗର, ୨୩।୩(ସମିସ): ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜି ସାରିଛି। ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଆଜି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବାର୍ତ୍ତା ଦିଆଯାଇଛି। ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ସିଆଇଏସଏଫର ୮୦ଜଣ ଯବାନ ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ। ଜରିମୂଳ ବଜାର, ରାଜନଗର ବଜାର, ତ୍ରିନାଥ ବଜାର, ସାନବଡଗୋପାଳପୁର ବଜାର ଓ ବେଲପାଳରେ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି।



### ପାରାଦୀପ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ସେମିନାର

## ‘ପ୍ଲାଷ୍ଟିକ ପ୍ରଦୂଷଣ ବିକାଶରେ ସଂକଟ ସୃଷ୍ଟି କରିଛି’

ପାରାଦୀପ, ୨୩।୩(ସମିସ): ପାରାଦୀପ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ କଲେଜ ପରିସରରେ ମାନବ ସୃଷ୍ଟି ପ୍ଲାଷ୍ଟିକ୍ ପ୍ରଦୂଷଣ କିପରି ବିକାଶରେ ସଂକଟ ସୃଷ୍ଟି କରିଛି ଆଧାରିତ ବିଷୟବସ୍ତୁ ଉପରେ ଏକ ସେମିନାର ଆୟୋଜିତ ହୋଇଯାଇଛି। ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ ପ୍ରଧ୍ୟାପିକା ଡ. ସୁଭଦ୍ରା ପରିଡ଼ା ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କର ସମସ୍ତ ପ୍ରଶ୍ନର ସମାଧାନର ସୂତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ପାରାଦୀପ ମହାବିଦ୍ୟାଳୟ ରସାୟନ ବିଭାଗ ପ୍ରଧ୍ୟାପକ ଏବଂ ବିଭାଗୀୟ ମୁଖ୍ୟ ଶ୍ରୀ ଶ୍ୟାମଗୋବିନ୍ଦ ଜେନା ସଭା ପରିଚାଳନା କରିଥିବା ବେଳେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସସ୍ମିତା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରସାୟନ ବିଜ୍ଞାନରେ ଅଧ୍ୟାପିକା ଡକ୍ଟର ସ୍ମିତା ବିଶ୍ୱାଳ ଅତିଥିମାନଙ୍କୁ ପରିଚିତ କରାଇଥିଲେ। ସେମିନାରରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଡିପାର୍ଟମେଣ୍ଟର ଅଧ୍ୟାପିକା ଶ୍ରୀମତୀ ଏସ୍ ଜଗଦ୍ଧାତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ମା’ କନ୍ଦେଇ ପୀଠ, ପଥରମୁଣ୍ଡେଇ ଓ ଚାଟରା ଦୋଳମେଲଣ ଶେଷ

ଡେରାବିଶ, ୨୩।୩(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡେଇ ଗ୍ରାମର ଗ୍ରାମଦେବତୀ ମା’ କନ୍ଦେଇଙ୍କ ପୀଠରେ ଗତକାଲି ଦୋଳ ମେଲଣ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ମଲ୍ଲିକେଶ୍ୱରପୁର ଗ୍ରାମର ରାଧାକୃଷ୍ଣ ମୂର୍ତ୍ତି ସୁସଜ୍ଜିତ ବିମାନରେ ପାରମ୍ପରିକ ବାଦ୍ୟ ଓ ସଂକୀର୍ତ୍ତନରେ ପ୍ରଥମେ ଗାଦିଶ୍ୱର ଭାବରେ ଉପବେଶନ କରିବା ପରେ ଅଞ୍ଚଳର ଅନ୍ୟ ଗ୍ରାମମାନଙ୍କରୁ ୧୦ରୁ ଉର୍ଦ୍ଧ୍ୱ ବିମାନ ମେଲଣ ପଡ଼ିଆକୁ ଆସିଥିଲେ। ଏହି ମେଲଣକୁ ନରହରି ମହାନ୍ତି, ନାରାୟଣ ସାହୁ, ଦୀଲ୍ଲିପ ମହାନ୍ତି, ଅମିତ ମହାନ୍ତି, ଅକ୍ଷୟ ସାହୁ, ରମାକାନ୍ତ ପରିଡ଼ା, ରଞ୍ଜନ ମହାନ୍ତି, ହିରେନ ମହାନ୍ତି, ହୃଷୀକେଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତ ଦାନପୁରସ୍ଥିତ ନଣ୍ଡାମହାଦେବଙ୍କ ପ୍ରାଙ୍ଗଣରେ ଆଜି ଅପରାହ୍ନରେ ପଥର ମୁଣ୍ଡେଇ ମେଲଣ ଅନୁଷ୍ଠିତ ହୋଇଯାଇଛି। ଏହି ମେଲଣରେ ୨୫ରୁ ଉର୍ଦ୍ଧ୍ୱ ବିମାନ ପାରମ୍ପରିକ ବାଜାବାଣ ଓ ପଟୁଆରରେ ପହଞ୍ଚିବା ପରେ ଅନୁଷ୍ଠାନ ତରଫରୁ ଭୋଗଲାଗି କରାଯାଇଥିଲା। ସେହିପରି ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଚାଟରା ଠାରେ ଗତକାଲି ରାତିରୁ ଆରମ୍ଭ ହୋଇଥିବା ଦୋଳ ମେଲଣ ଆଜି ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଛି। ଏହି ମେଲଣର ଥାନପତି ଚାଟରାମଠରୁ ଆସୁଥିବା ବିମାନ ଗତକାଲି ରାତି ୨ଟାରେ ମେଲଣ ପଡ଼ିଆରେ ଉପବେଶନ କରିବା ପରେ ମେଲଣକୁ ଆସୁଥିବା ୧୭ଟି ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଘଣ୍ଟ ସଂକୀର୍ତ୍ତନ ଓ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରାରେ ପଟୁଆର ମଧ୍ୟରେ ମେଲଣ ପଡ଼ିଆକୁ ପ୍ରବେଶ କରିଥିଲେ। ଏହି ମେଲଣକୁ ରଜନୀକାନ୍ତ ମହାନ୍ତି, ଲକ୍ଷ୍ମୀକାନ୍ତ ମହାନ୍ତି, ଅରଜିତ ମିଶ୍ର, ଦେବଦତ୍ତ ମିଶ୍ର, ସୁଶିଲ ମିଶ୍ରଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।



### ଜିଲ୍ଲା ପ୍ରଶାସନ-ଅବକାରୀ ବିଭାଗର ମଧୁଚନ୍ଦ୍ରିକା

# ବଢୁଛି ଚୋରା ନିଶା କାରବାର; ମାତିଲେଣି ଅପରାଧୀ

କେନ୍ଦ୍ରାପଡ଼ା, ୨୩।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଅବକାରୀ ବିଭାଗର ଛତ୍ରଛାୟା ତଳେ ବେଆଇନ ନିଶା କାରବାର ଚାଲିଛି। ଅବକାରୀ ଆଉ ପୋଲିସ ନାକତଳେ ଏହି ବ୍ୟବସାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ଅଭିଯୋଗ ହେଉଛି। ଅବାଧ ନିଶା ବ୍ୟବସାୟ ଯୋଗୁ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ଯେତେ ଅଭିଯୋଗ ହୋଇଥିଲେ ମଧ୍ୟ କେହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯଦି କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକ ଚାପ ପଡୁଛି ତେବେ ପୁଲିସ ଆଉ ଅବକାରୀ ବିଭାଗର କେତେଜଣ କର୍ମଚାରୀ ଚଢ଼ାଉ ପୂର୍ବରୁ ନିଶା ବ୍ୟବସାୟଙ୍କୁ ଖବର ଦେଇ ଦେଉଛନ୍ତି। ଫଳରେ ଚୋରା କାରବାର କରୁଥିବା ବ୍ୟବସାୟୀଙ୍କୁ ଗିରଫ କରିବା ସମ୍ଭବ ହେଉନି। ଯାହାର ପରିଣତ ସ୍ୱରୂପ ରାଜ୍ୟ ରାଜପଥ ନିକଟସ୍ଥ ମଦ ଦୋକାନକୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ହଟାଇ ଦିଆଯାଇଥିଲେ ମଧ୍ୟ ତାର ପ୍ରତିବଦଳରେ ଗାଁ ଗାଁରେ ଚୋରା ମଦ ଦୋକାନ ଖୋଲି ଆଜିର ଯୁବପିଢ଼ିଙ୍କୁ ନଷ୍ଟ କରିବାରେ ପ୍ରୟାସ ହୋଇଛି। ଯୁବକମାନେ ନିଶାଖାଇ ଅପରାଧ ଘଟାଉଛନ୍ତି। ଚୋରି, ଡକାୟତି, ରାହାଜାନୀ, ଛିନ୍‌ତାଇ, ବନ୍ଧୁକ ଦେଖାଇ ଲୁଟ୍, ହତ୍ୟା, ମରଣାନ୍ତକ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି। ହାତ ପାହନ୍ତାରେ ନିଶା ମିଳିଯିବା ଯୋଗୁ ଅତ୍ୟଧିକ ନିଶା ସେବନ କରୁଛନ୍ତି। ତେବେ ନିଶା ସେବନ ପାଇଁ ଆବଶ୍ୟକ ଟଙ୍କା ପାଇଁ କେତେକ ଗୋଷ୍ଠୀ ଅପରାଧ ଘଟାଉଛନ୍ତି।

ଏହି ଘଟଣାଟି ସ୍ଥାନୀୟ ପୁଲିସ ତଥା ଜିଲ୍ଲା ଅବକାରୀ ବିଭାଗର ଜ୍ଞାତସାରରେ ଚାଲିଛି ବୋଲି ଅଭିଯୋଗ ହେଉଛି। ସରକାରୀ ଭାବେ ଖୋଲିଥିବା ମଦ ଦୋକାନରେ ମଧ୍ୟ ବୋତଲ ଉପରେ ଲେଖାଯାଇଥିବା ରେଟ ଚାର୍ଟ ଠାରୁ ୨୦ ରୁ ୩୦ ଟଙ୍କା ଅଧିକ ନେଉଥିବା ଅଭିଯୋଗ ହେଉଛି। କେନ୍ଦ୍ରାପଡ଼ା ସଦର, ଟାଉନ ଥାନା, ନିକିରାଇ, ପାଟକୁରା, ରାଜନଗର ଅଞ୍ଚଳରେ ନକଲି ମଦ କାରଖାନା ମୁଣ୍ଡ ଟେକୁଛି। ନକଲି କାରଖାନାରୁ ବିଦେଶୀ ମଦ ଦୋକାନକୁ ବିକ୍ରି ପାଇଁ ପଠାଯାଉଥିବା ଅଭିଯୋଗ ହେଉଛି। ନକଲି ମଦ ସରକାରୀ କାଉଣ୍ଟର ନେଲେ ପ୍ରଚୁର ଲାଭ ମିଳୁଛି ବୋଲି ମଦ କାଉଣ୍ଟରରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି। ତା’ଛଡା ସରକାରୀ ମଦଦୋକାନ ଗୁଡିକର ବିକ୍ରେତାମାନେ ବାଇକ୍‌ରେ ମଦନେଇ ଗାଁ ଗହଳିରେ ଖୋଲିଥିବା ଚୋରାମଦ ଦୋକାନରେ ଯୋଗାଉଛନ୍ତି। ସରକାରୀ ବାବୁମାନେ ମାସିକିଆ ବଟିନେଇ ଚୁପ୍ ରହୁଥିବାରୁ ଗାଁ ଗହଳିରେ ଚୋରାମଦ ସହିତ ଚୋରା ଗଞ୍ଜେଇ ବେପାର ବି ଦିବାଲୋକରେ ଚାଲୁଛି। ଅବକାରୀ ବିଭାଗର ଛତ୍ରଛାୟା ତଳେ ନିଶା କାରବାର କାୟାବିସ୍ତାର କରିବାରେ ଲାଗିଛି। ତୁରନ୍ତ ଏହି ନକଲି ଆଉ ଚୋରା ମଦ କାରବାର ସହିତ ଅନ୍ୟାନ୍ୟ ନିଶା କାରବାରରେ ରୋକ ନଲାଗିଲେ ଆଗକୁ ପରିସ୍ଥିତି ଭୟାନକ ହେବ ବୋଲି ମତପ୍ରକାଶ ପାଇଛି।

ସକାଳ THE SAKALA



www.sakalaepaper.com

# ଡକାୟତି ଯୋଜନା ପଣ୍ଡ; ୩ ଗିରଫ

## ବିଭିନ୍ନ ମାରଣାସ୍ତ୍ର ଓ ବାଇକ୍ ଜବତ

**କାମାକ୍ଷାନଗର,୨୩।୩(ସମିସ)**

ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନା ଅନ୍ତର୍ଗତ ସୁଧାକର ତଇଲା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ କରୁଥିବା ବେଳେ ୩ ସଦସ୍ୟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କାମାକ୍ଷାନଗର ଥାନା ସୁଧାକର ତଇଲା ନିକଟରେ ଗତକାଲି ବିଳମ୍ବିତ ରାତ୍ରିରେ ଡକାୟତି ଉଦ୍ୟମ କରୁଥିବା ଏକ ଗ୍ୟାଙ୍ଗ ଉପରେ ପୁଲିସ ଚଢ଼ଉ କରିଥିବା ବେଳେ ସେଥିମଧ୍ୟରୁ ୩ ଜଣଙ୍କୁ ଗିରଫ କରିଥିଲା। ଡକାୟତ ଗ୍ୟାଙ୍ଗରେ ୮ରୁ ୧୦ ଜଣ ଡକାୟତ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିଲେ। କୌଣସି ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ଚଢ଼ଉ କରିବା ସହିତ ୩ ଜଣଙ୍କୁ ଗିରଫ କରିଥିଲା। ଏହି ଗ୍ୟାଙ୍ଗରେ ଥିବା କାଳିଆପାଣି ଥାନା ରାସୋଲ ଗାଁର ରାକେଶ ପାତ୍ର, କାମାକ୍ଷାନଗର ଥାନା ବାଲିଚତୁରୀ ଗାଁର ରଜନୀକାନ୍ତ ମଲ୍ଲିକ ଓ ରଞ୍ଜିତ ମଲ୍ଲିକ ରହିଛନ୍ତି। ପୁଲିସ ଶନିବାର ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରିବା ସହିତ ସେମାନଙ୍କଠାରୁ ମାରଣାସ୍ତ୍ର ଓ ଗାଡ଼ି ଜବତ କରିଛି। ଥାନା ଅଧିକାରୀ ଧୀରେନ କୁମାର ବେହେରା, ଏସ୍ଆଇ ସୌମ୍ୟ ରଂଜନ ମହାନ୍ତିଙ୍କ ନେତୃତ୍ୱରେ ଏହି ଡକାୟତି ଗ୍ୟାଙ୍ଗର ସଦସ୍ୟ ଉପରେ ଚଢ଼ଉ କରାଯାଇଥିଲା।



# ଜିଲ୍ଲା ପରିଷଦ ଷ୍ଟାଣ୍ଡିଙ୍ଗ କମିଟି ପକ୍ଷରୁ ବିଭିନ୍ନ ବିଭାଗର ତଦାରଖ

**ଢେଙ୍କାନାଳ,୨୩।୩(ସମିସ):** ଆଜି ଢେଙ୍କାନାଳ ଜିଲ୍ଲା ପରିଷଦ ଷ୍ଟାଣ୍ଡିଙ୍ଗ କମିଟି ପକ୍ଷରୁ ଓଡ଼ାପଡ଼ା ବ୍ଲକରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର, ଛତୁଆ ପ୍ରସ୍ତୁତ ୟୁନିଟ ଓ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ତଦାରଖ କରିଥିବା ଜଣାପଡ଼ିଛି। ଗତ ଜିଲ୍ଲା ପରିଷଦ ସାଧାରଣ ବୈଠକରେ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଓ ମହିଳାମାନଙ୍କୁ ଦିଆଯାଉଥିବା ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ନିମ୍ନମାନର ବୋଲି ସଭ୍ୟମାନେ ଅଭିଯୋଗ କରିଥିଲେ। ଏହାର ତଦାରଖ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। ସେହି ଅନୁସାରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତଦାରଖ କମିଟିର ଅଧ୍ୟକ୍ଷା ଝରସ୍ମିତା ଦେହୁରୀଙ୍କ ନେତୃତ୍ୱରେ ଏକ କମିଟି ଓଡ଼ାପଡ଼ା ବ୍ଲକରେ ଥିବା ଇନ୍ଦିପୁରସ୍ଥିତ ମା' ଅନ୍ଧାରୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ନୂଆ ବାଙ୍ଗୁରସିଂହସ୍ଥିତ ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଛତୁଆ ପ୍ରସ୍ତୁତ ୟୁନିଟ୍‌ଗୁଡ଼ିକ ତଦାରଖ କରିଥିଲେ। ଯାହା କିଛି ତ୍ରୁଟି ସେମାନଙ୍କ ନଜରକୁ ଆସିଥିଲା ତାହା ଯେପରି ପୁନର୍ବାର ନହେବ ପ୍ରସ୍ତୁତ କରୁଥିବା ମହିଳାମାନଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି। ନୂଆ ବାଙ୍ଗୁରସିଂହ ଗ୍ରାମର ୪ ନଂ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ତଦାରଖ କରିବାରେ ଜଣାଗଲା ଯେ ଏହି କେନ୍ଦ୍ରରେ ୨୫ ଜଣ ଶିଶୁଙ୍କ ନାମ ପଞ୍ଜୀକରଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୮ ଜଣ ଶିଶୁ ଥିବା ଦେଖିବାକୁ ମିଳିଥିଲା। ଏହିପରି ଅନେକ ଅଙ୍ଗନବାଡି କେନ୍ଦ୍ରରେ ଶୁଶୁମାନଙ୍କ ଉପସ୍ଥିତି ବହୁତ କମ୍ ରହୁଥିବା ଜଣାପଡିଛି। ଉକ୍ତ ଟିମ୍ ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ତଦାରଖ କରିବା ବେଳେ ସେଠାରେ କୌଣସି ଡାକ୍ତର ଉପସ୍ଥିତ ନ ଥିଲେ। କର୍ମଚାରୀଙ୍କ ଠାରୁ ଖବର ପାଇ ଡାକ୍ତର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି କମିଟିର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ଷ୍ଟାଫ୍ ନଥିବାରୁ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହେଉଥିବା ଅନୁଭବ କରିଥିଲେ। ଏହି କମିଟିରେ ଓଡ଼ାପଡ଼ା ଜୋନ୍ ୧ନଂର ରାଜକିଶୋର ରାଉତ, ୨ନଂର ସଭ୍ୟ ବାଳକୃଷ୍ଣ ସାହୁ, ସଭ୍ୟା ଦୀପ୍ତିମୟୀ ଜେନା, ଅଶୋକ କୁମାର ପରିଡାଙ୍କ ସହିତ ସିଡିପିଓ ନିବେଦିତା ତ୍ରିପାଠୀ ଉପସ୍ଥିତ ରହି ତଦାରଖ କରିଥିଲେ।

## ଖୋଲଣାଙ୍କୁ ସରକାରୀ ସହାୟତା ସାତସପନ



**ଢେଙ୍କାନାଳ ସଦର,୨୩।୩ (ସମିସ):** ସଦରଥାନାର ଓଡ଼ାପଡ଼ା ବ୍ଲକର କୋତମ ଗ୍ରାମ ପଞ୍ଚାୟତର ସାନନଡବ ଗ୍ରାମର ବିଧବା ଅସହାୟ ମହିଳା ଖୋଲଣା ନାଏକଙ୍କୁ କୌଣସି ସରକାରୀ ସୁବିଧା ସୁଯୋଗ ମିଳୁନଥିବା ଅଭିଯୋଗ ହୋଇଛି। ଖୋଲଣା ତାଙ୍କ ବାପ ଘରେ ରହୁଛନ୍ତି। ବାପ ଘର କୋତମ ଗ୍ରାମ ପଞ୍ଚାୟତର ସାନନଡବ ଗ୍ରାମରେ ହୋଇଥିବା ବେଳେ ଖୋଲଣାଙ୍କ ଆଧାର, ଭୋଟର ସାନନଡବ ଗ୍ରାମରେ ଥିଲେ ସୁଦ୍ଧା ତାଙ୍କୁ ସରକାରୀ ସୁବିଧା ଆଜି ପର୍ଯ୍ୟନ୍ତ ମିଳିପାରୁନାହିଁ। ବାପାଙ୍କ ମୃତ୍ୟୁ ପରେ ଖୋଲଣା ଅସହାୟ ହୋଇଯାଇଛନ୍ତି। ସାହାରା ବୋଲି କେହି ନାହିଁ। ରାସନ କି ଭତ୍ତା, ଆବାସ ଯୋଜନା କିଛି ପାଇ ନଥିବା ଖୋଲଣା ଅଭିଯୋଗ କରିଛନ୍ତି। ବଞ୍ଚିବା ପାଇଁ ରାସନ, ରହିବା ପାଇଁ ଆବାସ ଖଣ୍ଡିଏ ଓ ବିଧବା ଭତ୍ତା ପ୍ରଦାନ କରିବାକୁ ସେ ପ୍ରଶାସନକୁ ନିବେଦନ କରିଛନ୍ତି।

## ଓଲଟିଲା କୋଇଲା ବୋଝେଇ ଟ୍ରକ୍




**କାମାକ୍ଷାନଗର,୨୩।୩ (ସମିସ):** କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡାମାଳି ବାଇପାସ୍ ନିକଟରେ ଏକ ଟ୍ରକ୍ ସହିତ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣା ଘଟି ଓଲଟି ପଡ଼ିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ତାଳଚେରରୁ କୋଇଲା ବୋଝେଇ କରି ଏକ ହାଇୱା ଯାଜପୁର ଅଭିମୁଖେ ଯାଉଥିବା ବେଳେ ଜିରିଡାମାଳି ବାଇପାସ ନିକଟରେ ଅନ୍ୟ ଏକ ଟ୍ରକ୍ ସହ ଦୁର୍ଘଟଣା ଘଟିଥିଲା। ହାଇୱାଟି ଓଲଟି ପଡ଼ିବା ସହ କୋଇଲାଗୁଡ଼ିକ ରାସ୍ତାରେ ବିଛାଡ଼ି ହୋଇଯାଇଥିଲା। ଫଳରେ କିଛି ସମୟ ପାଇଁ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣା ସମ୍ପର୍କରେ କାମାକ୍ଷାନଗର ପୁଲିସ ସୂଚନା ପାଇ ଦୁର୍ଘଟଣାଗ୍ରସ୍ତ ହାଇୱାକୁ ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି।

## ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ



**ଗଁଦିଆ,୨୩।୩(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ବାଇଁଶିଆ ପଞ୍ଚାୟତ ବଲ୍ଲଭ ଗ୍ରାମଠାରେ ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶରତ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଉଁଶିଆ ଗ୍ରାମ ପଞ୍ଚାୟତ ସରପଞ୍ଚଅନ୍ନପୂର୍ଣ୍ଣା ବେହେରା, ମୁଖ୍ୟବକ୍ତା ଭାବେ ଡିଏଭି ନିର୍ଦ୍ଦେଶକ ଅମରେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶ୍ରୀକାନ୍ତ ପଣ୍ଡା, ବିଦ୍ୟାଳୟ ପରିଚାଳନା ମୁଖ୍ୟ ଅନ୍ତର୍ଯ୍ୟାମୀ ସାମଲ, ଅଭିରାମ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଧାନ ଶିକ୍ଷକ ପଙ୍କଜ ଚରଣ ଶତପଥୀ ଗୁରୁବନ୍ଦନା କରିବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗିରିଧାରୀ ଆଶ୍ରମରେ ଚାରଣ ମହୋତ୍ସବ

**ଗଁଦିଆ,୨୩।୩ (ସମିସ) :** ଗଁଦିଆ ବ୍ଲକ ଅନ୍ତର୍ଗତ ରିରିଧାରୀ ଆଶ୍ରମଠାରେ ଚାରଣ ଶାଖା ଗଁଦିଆ ପଟଣା ତରଫରୁ ଶ୍ରୀଜଗନ୍ନାଥ ଚାରଣ ମହୋତ୍ସବ ଆରମ୍ଭ ହୋଇଛି। କଳସାଧିବାସ ଅବସରରେ ୧୦୮ ମହିଳା ଯୋଗଦେଇ ଶୋଭାଯାତ୍ରାରେ ଭାଗ ନେଇଥିଲେ। ଆଶ୍ରମରେ ଆୟୋଜିତ ଯଜ୍ଞ ବେଦୀରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଷୋଡ଼ଷୋପଚାର ପୂଜା, ସ୍ୱାଧାୟ, ଯୋଗଶିକ୍ଷା, ସ୍କନ୍ଦପୁରାଣ ଅନ୍ତର୍ଗତ ବୈଷ୍ଣବଖଣ୍ଡ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମହତ ପାରାୟଣ, ବିଷ୍ଣୁ ସହସ୍ର ନାମରେ ପ୍ରଦାନ, ଶ୍ରୀମଦ ଭାଗବତ ପାଠ ଆଦି କର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରତ୍ୟହ ସନ୍ଧ୍ୟାରେ ସ୍କନ୍ଦ ପୁରାଣ ଆଧାରରେ ଶ୍ରୀ ଜଗନ୍ନାଥ କଥାମୃତ ଦୀକ୍ଷାନ୍ତ ପ୍ରବଚନ ଶୁଣିବାକୁ ମିଳୁଛି। ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲୁ ରହିଥିବା ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟରେ ଯୋଗଦେଇ ଶ୍ରୀଜଗନ୍ନାଥ କଥାମୃତ ଆହରଣ କରିବା ପାଇଁ ଜିଲ୍ଲା ସଙ୍ଗଠକ ଦେବାଶିଷ ସାହୁ, ଦେବେଶ୍ ଚନ୍ଦ୍ର ସାହୁ ଦଳ ପତି, ଗିରିଧାରୀ, ଚାରଣ ଶାଖା ଓ ସଭ୍ୟ ଅଭିମନ୍ୟୁ ଦାସ ପ୍ରମୁଖ ନିବେଦନ କରିଛନ୍ତି।

## ସୁରପ୍ରତାପପୁରରେ ଅଷ୍ଟପ୍ରହର ନାମଯଜ୍ଞ

**ମାର୍ଥାପୁର,୨୩।୩ (ସମିସ) :** ଢେଙ୍କନାଳ ଜିଲ୍ଲାର ଭୁବନ ବ୍ଲକ ସୁରପ୍ରତାପପୁର ପଞ୍ଚାୟତର ୬ନଂ ୱାର୍ଡ ହରିଜନ ସାହିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଆଖପାଖ ଅଞ୍ଚଳରୁ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ। ସନ୍ଧ୍ୟା ସମୟରେ ଡମଶାଳ ନଦୀରୁ ଶୁଭକଳସ ଉଠାଯାଇ ଗ୍ରାମର ଶ୍ରଦ୍ଧାଳୁ ସଂକୀର୍ତ୍ତନ ସହ ଅଷ୍ଟପ୍ରହରୀ କୁଞ୍ଜରେ ଆଣି ଜଳକଳସ ସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସେବା ସମବାୟ ସମିତି ସଭାନେତ୍ରୀ ପୁଷ୍ପଲତା ରାଉତ ଓ ସୁରପ୍ରତାପପୁର ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ପ୍ରମୋଦ ସାହୁ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମବାସୀ ଉତ୍ସବରେ ସହଯୋଗ କରିଥିଲେ।



# ୭ଟି ପଞ୍ଚାୟତକୁ ନେଇ ବିଜେଡିର ପ୍ରସ୍ତୁତି ବୈଠକ

**କାମାକ୍ଷାନଗର,୨୩।୩ (ସମିସ)**



ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ନିର୍ବାଚନମଣ୍ଡଳୀରେ ବିଜେଡିର ଶକ୍ତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଜେଡି କର୍ମୀ ସମ୍ମିଳନୀରେ କଂଗ୍ରେସ ଓ ବିଜେପି ଛାଡ଼ି ବିଜେଡିରେ ସାମିଲ ହେଲେ ୭ ପଞ୍ଚାୟତର ଛାମୁଆ କର୍ମୀ। ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ କର୍ମୀମାନେ ବୈଠକ କରି ଦଳୀୟ ସଂଗଠନ ସୁଦୃଢ଼ କରିବାରେ ଲାଗିଛନ୍ତି। କଂଗ୍ରେସ ଓ ବିଜେପି ଛାଡ଼ି ବିଜେଡିରେ କଙ୍କଡାହାଡ଼ ବ୍ଲକ ୨ ନମ୍ବର ଜୋନ୍‌ର ୭ଟି ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇଛନ୍ତି। ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଙ୍କଡାହାଡ଼ସ୍ଥିତ ରାମେଶ୍ୱର ମନ୍ଦିରଠାରେ କଙ୍କଡାହାଡ଼ ୨ ନମ୍ବର ଜିଲ୍ଲାପରିଷଦ ଜୋନ୍‌ର କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨ ନମ୍ବର ଜୋନ୍‌ର ୭ଟି ପଞ୍ଚାୟତର ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ କର୍ମୀମାନେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ସହ କଙ୍କଡାହାଡ଼ ବ୍ଲକରେ ବିଜୁ ଜନତା ଦଳକୁ ବିପୁଳ ପରିମାଣରେ ଭୋଟ ଦେଇ ପରଜଙ୍ଗ ନିର୍ବାଚନମଣ୍ଡଳୀରେ ବିଜେଡି ରେକର୍ଡ ବାଜିମାତ କରିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଦୁଇ ନମ୍ବର ଜୋନ୍‌ର ସମସ୍ତ ୭ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ବିଜେଡି ସଭାପତି, ଯୁବ ସଭାପତି, ଛାତ୍ର ସଭାପତି, ମହିଳା ସଭାପତି ଓ ଛାମୁଆ ନେତୃତ୍ୱ ଭାଗ ନେଇ ଆଗାମୀ ସମୟରେ ବିଜେଡି ବିପୁଳ ଭୋଟ ପାଇବା ନେଇ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ଭାବେ ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ ଓ ବିଜେପିର ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଜୁ ଜନତା ଦଳରେ ସାମିଲ କରାଯାଇଛି। ଏହି ଅବସରରେ କଙ୍କଡାହାଡ଼ ବ୍ଲକ କଂଗ୍ରେସ ସଭାପତି ନଗେସ କୁମାର ପଣ୍ଡା, ରାଜେନ୍ଦ୍ର ସିଂ, ସୂର୍ଯ୍ୟକାନ୍ତ ସିଂ, ବୁଦ୍ଧିମନ୍ତ ଡଙ୍ଗୁଆ, ତପନ ମହାନ୍ତ, ନିରଞ୍ଜନ ମୁଣ୍ଡା, ଟଙ୍କଧର ମହାନ୍ତ, ସଞ୍ଜୟ ସେଠୀ, ହିମାଂଶୁ ବେହେରାଙ୍କ ସମେତ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜେଡିରେ ଯୋଗଦେଇଛନ୍ତି।

● ଆସୁଛି ହୋଲି ଉତ୍ସବ

# ବଢୁଛି ହର୍ବାଲ୍ ରଙ୍ଗ, ମାସ୍କ ଓ ଟୋପିର ଚାହିଦା

**ଗଁଦିଆ,୨୩।୩(ସମିସ)**




ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ବ୍ଲକର ବଜାରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଯୁବପିଢ଼ି, ବୟସ୍କ ସମସ୍ତେ ହୋଲିକୁ ଧୁମଧାମରେ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଗଲେଣି। ଗଁଦିଆ ବଜାର ସହ ଗାଁଗୁଡ଼ିକରେ ଖୋଲିଗଲାଣୀ ରଙ୍ଗର ପସରା। ହୋଲିରେ ରଙ୍ଗ ଖେଳା ଯାଉଥିଲେ ବି ତାହର ଦୁଇ ତିନି ଦିନ ଆଗରୁ ବିଭିନ୍ନ ଅନୁଷ୍ଠାନ ସ୍କୁଲ, କଲେଜରେ ରଙ୍ଗ ଖେଳିବା ଧାରା ଏଇ କିଛି ବର୍ଷ ହେବ ଆରମ୍ଭ ହୋଇଛି। ହୋଲିରେ ଛୁଟି ପଡୁଥିବାରୁ ବନ୍ଧୁ ବାନ୍ଧବମାନଙ୍କ ସହ ରଙ୍ଗିନୀ ହେବାର ସୁଯୋଗକୁ କେହି ହାତଛଡ଼ା କରନ୍ତିନାହି। ଏହିଭଳି ଧାରାକୁ ନଜର ରଖି ଦୋକାନୀମାନେ ଆଗୁଆ ରଙ୍ଗ ବିକ୍ରି ଆରମ୍ଭ କରିଦେଇଛନ୍ତି। ନାଲି, ହଳଦୀ, ନୀଳ, ବାଇଗଣୀ, ସବୁଜ, ଗୋଲାପି ପରି ଅନେକ ରଙ୍ଗରେ ନିଜ ଦୋକାନ ସଜେଇ ସାରିଲେଣି। ଫଗୁ ଅଥବା ଅବିର କିଲୋ ପିଛା ୧୦୦ ଟଙ୍କାରୁ ୩୦୦ ଟଙ୍କା ଥିବାବେଳେ ଛୋଟ ପିଲାମାନଙ୍କ ପାଇଁ ମୁଣ୍ଡ ଟୋପି ପିଚିକାରି, ମାସ୍କ, ବିଭିନ୍ନ ଧରଣର ମୁଖା କୁନିକୁନି ପିଲାଙ୍କୁ ଆକୃଷ୍ଟ କରୁଛି। ଏଥର ଯୁବପିଢ଼ିକୁ ନିଜନିଜ ଶରୀର ଓ ତ୍ୱଚାକୁ ନେଇ ସଚେତନ ଥିବାରୁ ବଜାରରୁ ରସାୟନିକ ରଙ୍ଗ ବଦଳରେ ହର୍ବାଲ ରଙ୍ଗ କିଣୁଛନ୍ତି। ତେଣୁ ବ୍ୟବସାୟୀ ବହୁତ ପରିମାଣରେ ହର୍ବାଲ ରଙ୍ଗ କିଣୁଛନ୍ତି। ଏହାସହିତ ହୋଲିର କୁପ୍ରଭାବ ଆଖି ଓ ମୁହଁକୁ ରକ୍ଷା କରିବା ପାଇଁ ବଜାରରେ ବିଭିନ୍ନ ପ୍ରକାର ମାସ୍କ ମିଳୁଛି। ଏହାର ମୂଲ୍ୟ ୨୦ରୁ ଆରମ୍ଭ ହୋଇ ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଏବର୍ଷ ପାଗ ଭଲଥିବାରୁ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି।

## ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟରେ ଯୋଗଦାନ



**ଢେଙ୍କାନାଳ,୨୩।୩(ସମିସ):** ଢେଙ୍କାନାଳର ନୂତନ ଜିଲ୍ଲାପାଳ ଭାବେ ଆଇଏଏସ୍ ଅମ୍ରିତ ଋତୁରାଜ ଶନିବାର ସନ୍ଧ୍ୟାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଜିଲ୍ଲାପାଳ ଶ୍ରୀ ଋତୁରାଜଙ୍କୁ ସମସ୍ତ ଅଧିକାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ଋତୁରାଜ ୨୦୧୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ହୋଇଥିବା ବେଳେ ପୂର୍ବରୁ ରାୟଗଡ଼ା ଉପଜିଲ୍ଲାପାଳ, ପିଡି ଡିଆରଡିଏ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ରାଜ୍ୟ ଶ୍ରମ କମିଶନର ଭାବେ କାର୍ଯ୍ୟ କରିଛନ୍ତି। ସେହିପରି ଅପରାହ୍ନରେ ବିଦାୟୀ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଜିଲ୍ଲାପାଳ ଶ୍ରୀ ମଲ୍ଲିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ମଲ୍ଲିକ ୫ ମାସର ଅନୁଭୂତି ବଖାଣିବା ସହ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମଡକର ସମ୍ବିତ ସମ୍ପତ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅନିତା ପାତ୍ର, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଡିଏଫଓ ସୁମିତ କର, ସଦର ଉପଜିଲ୍ଲାପାଳ ସପନ କୁମାର ନନ୍ଦ, କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ନୂତନ ଜିଲ୍ଲାପାଳ ଅମ୍ରିତ ଋତୁରାଜ କାର୍ଯ୍ୟରେ ଯୋଗଦେବା ପରେ ଚଳିତ ନିର୍ବାଚନ ନିମନ୍ତେ ବିଭିନ୍ନ କାର୍ଯ୍ୟର ତଦାରଖ ସହ କିପରି ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ସମାପନ ହେବ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ପୂର୍ବରୁ କାର୍ଯ୍ୟ କରୁଥିବା ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କୁ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ବଦଳି କରାଯାଇଛି।

● କାଳ ସାଜିଲା ଅଦିନିଆ ବର୍ଷା

# ଉଜୁଡ଼ିଲା ୭୦ ଏକର ତରଭୁଜ ଫସଲ

**କାମାକ୍ଷାନଗର,୨୩।୩(ସମିସ)**

ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକର ଆଖୁଆପାଳ ପଞ୍ଚାୟତ ବରପାଳରେ ୭୦ ଏକର ଜମିରେ ହୋଇଥିବା ତରଭୁଜ ଚାଷ ଅଦିନିଆ ବର୍ଷା ଯୋଗୁ ଉଜୁଡ଼ି ଯାଇଛି। ଏହି ଅଦିନିଆ ବର୍ଷାରେ ଶହ ଶହ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। କେତେକ ଚାଷୀ ଅଧିକ ଲାଭ ଆଶାରେ ଗାଁ ପାଖ ପଡ଼ିଆ ଜମିରେ ତରଭୁଜ ଚାଷ କରିଥିଲେ। କିନ୍ତୁ ଅଦିନିଆ ବର୍ଷା ସାଙ୍ଗକୁ କୁଆ ପଥର ମାଡ଼ରେ ସବୁ ପଚି ସଢ଼ି ନଷ୍ଟ ହୋଇଯାଇଛି। ତେବେ ଧାରକରଜ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତରଭୁଜ ଚାଷୀ କରିଥିବା ତରଭୁଜ ଚାଷୀ ଏବେ କରଜ ଟଙ୍କା କିପରି ସୁଝିବେ ସେନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ବରପାଳର କିଛି ଚାଷୀ ପଡିଆ ଜମିରେ ୭୦ ଏକରରୁ ଉର୍ଦ୍ଧ୍ୱ ଜମିରେ ତରଭୁଜ ଚାଷ କରିଥିଲେ। ତେବେ ଏହି ଚାଷ ପାଇଁ ପାଖାପାଖି ୨୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବା ବେଳେ ଭଲ ଲାଭ ହେବ ବୋଲି ଆଶା ରଖିଥିଲେ। କିନ୍ତୁ ଅଦିନିଆ ବର୍ଷା ସାଙ୍ଗକୁ କୁଆ ପଥର ମାଡ଼ରେ ଅମଳ ପୂର୍ବରୁ ସବୁ ତରଭୁଜ ନଷ୍ଟ ହୋଇ କ୍ଷେତରେ ପଡ଼ିରହିଛି। ଯାହାକୁ ନେଇ ଚାଷୀମାନେ ଏବେ ଚିନ୍ତାରେ ମୁଣ୍ଡରେ ହାତଦେଇ ବସିଛନ୍ତି। ଉଦ୍ୟାନ ବିଭାଗ ସମସ୍ତ ଚାଷ ପାଇଁ ଅନେକ ଯୋଜନା ବା ସହାୟତା ରାଶି ଯୋଗାଉଥିବା ବେଳେ, ତରଭୁଜ ଚାଷ ପାଇଁ କୌଣସି ସହାୟତା ଦେଉନାହାଁନ୍ତି। ଧାର କରଜ କରି ତରଭୁଜ ଚାଷ କରିଥିବା ଚାଷୀଙ୍କ ପାଇଁ ପ୍ରଶାସନ ସହାୟତା ରାଶି ଯୋଗାଇବା ସହ, ଅଦିନିଆ ବର୍ଷା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହୋଇଥିବା ତରଭୁଜ ଚାଷୀଙ୍କୁ କ୍ଷୟକ୍ଷତିର ଆକଳନ କରି ସହାୟତା ରାଶି ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ତେବେ ଚାଷୀଙ୍କ ଆୟ ୨ ଗୁଣ କରିବା ପାଇଁ ଅନେକ ଯୋଜନା ମାଧ୍ୟମରେ ସହାୟତା ରାଶି ଯୋଗା ଯାଉଥିବା ବେଳେ, ତରଭୁଜ ଚାଷୀଙ୍କ ପାଇଁ କୌଣସି ସହାୟତା ଦେଉନାହାନ୍ତି। ତେବେ ଅଦିନିଆ ବର୍ଷାରେ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିଥିବା ତରଭୁଜ ଚାଷୀଙ୍କୁ ପ୍ରଶାସନ କ୍ଷତିପୂରଣ ଯୋଗାଇବା ପାଇଁ ସାଧାରଣରେ ଦାବି ହେଉଛି।



